ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.19 Bhubaneswar Wednesday, February 23, 2022 | ୨୫ତମ ବର୍ଷ ସଂଖ୍ୟା-୧୯ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ସରିଲା ପଞ୍ଚାୟତ ନିର୍ବାଚନ ପ୍ରଚାର: ଓହ୍ଲାଇଲେନି ହେଭିୱେଟ୍

ଭୁବନେଶ୍ୱର,୨୨।୨(ପି.ଏନ): ୫ଟି ପର୍ଯ୍ୟାୟ ବିଶିଷ୍ଟ ପଂଚାୟତ ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଛି। ଆଜି ସୁଦ୍ଧା ୪ଟି ପର୍ଯ୍ୟାୟ ମତଦାନ ଶେଷ ହୋଇଥିବାବେଳେ ଆସନ୍ତା ଗୁରୁବାର ପଂଚମ ତଥା ଶେଷ ପର୍ଯ୍ୟାୟ ଭୋଟଗ୍ରହଣ ବାକି ରହିଛି। ପଂଚାୟତ ନିର୍ବାଚନର ଫଳାଫଳ ଆଗାମୀ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ଯେଉଁ ଢଙ୍ଗରେ ନିର୍ବାଚନ ଲ?ିବା କଥା ତାହା ଚଳିତଥର ଦେଖିବାକୁ ମିଳିନି। ବରଂ ଶାସକ ବିଜେଡି ଚଳିତ ପଂଚାୟତ ନିର୍ବାଚନକୁ ନିଜର ଆଗ ଧାଡିର ଦଳୀୟ ନେତାଙ୍କ ବିନା ସୁଚିନ୍ତିତ ରଣନୀତିରେ ଲ?ିଥିବା ଦେଖିବାକୁ ମିଳିଛି। ୨୦୧୭ ପଂଚାୟତ ନିର୍ବାଚନ ଭଳି ଚଳିତଥର ମଧ୍ୟ ବିଜେଡି ନିଜର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇ ନଥିବାବେଳେ ବିଜେପି ମଧ୍ୟ ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଚାରରୁ ଦୂରେଇ ରଖିଛି।ସୂଚନା ଅନୁସାରେ, ଫେବୃୟାରୀ ୧୬ରୁ ଆରମ୍ଭ ହୋଇଥିବା ୫ଟି ପର୍ଯ୍ୟାୟ ପଂଚାୟତ ନିର୍ବାଚନର ଶେଷ ତଥା ପଂଚମ ପର୍ଯ୍ୟାୟ ଭୋଟ୍ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଶେଷ ପର୍ଯ୍ୟାୟରେ ୨୫ଟି ଜିଲ୍ଲାର ୪୮ଟି ବ୍ଲକ ଅନ୍ତର୍ଗତ ୧୩୧ଟି ଜିଲ୍ଲା ପରିଷଦ ଆସନ, ୯୭୫ଟି ପଂଚାୟତରେ ୪୧.୮୮ଲକ୍ଷ ଭୋଟର ୧୩୫୧୪ଟି ବୁଥ ମାଧ୍ୟମରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହି ଶେଷ ପର୍ଯ୍ୟାୟ ଭୋଟ୍ ପାଇଁ ମଧ୍ୟ ଆଜି ପ୍ରଚାର ଶେଷ ହୋଇଛି। ଚଳିତ ପଂଚାୟତ ନିର୍ବାଚନରେ ଏପର୍ଯ୍ୟନ୍ତ ମତଦାନ ହାର ବେଶ୍ ଉତ୍ସାହଜନକ ରହିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬% ମତଦାନ ଓ ଚତୁର୍ଥ ପର୍ଯ୍ୟାୟରେ ପ୍ରାରମ୍ଭିକ ଆକଳନ ଅନୁସାରେ ୭୩ ପ୍ରତିଶତ ମତଦାନ ହୋଇଛି।ଚଳିତ ନିର୍ବାଚନରେ ବ୍ୟାପକ ପୁଲିସ ମୁତୟନ ସହ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିବା ନେଇ ପୁଲିସ ଡିଜିଠୁ ଆରମ୍ଭ କରି ରାଜ୍ୟ ନିର୍ବାଚନ କମିଶନ ପର୍ଯ୍ୟନ୍ତ ସମସ୍ତେ ଦାବି କରିଥିଲେ ମଧ୍ୟ ଗତ ଦୁଇ ଦଶନ୍ଧି ମଧ୍ୟରେ ସର୍ବାଧିକ ହିଂସା ଚଳିତ ପଂଚାୟତ ନିର୍ବାଚନରେ ରେକର୍ଡ କରାଯାଇଛି। କେଉଁଠି ଭୋଟର ଲିଷ୍ଟରେ ନାଁ ନାହିଁ ତ, କେଉଁଠି ବୁଥ ରିଗିଂ କରି ଦୁର୍ବୃତ୍ତମାନେ ଭୋଟ ବାକ୍ସ ଛଡାଇ ନେଇ ପୋଖରୀରେ ପକାଇଛନ୍ତି, କେଉଁଠି ପ୍ରାର୍ଥୀଙ୍କୁ ଅପହରଣ ତ କେଉଁଠି ପ୍ରାର୍ଥୀଙ୍କ ସମ୍ପର୍କୀୟଙ୍କୁ ହତ୍ୟା କରାଯିବା ଭଳି ହିଂସାତ୍ମକ କାର୍ଯ୍ୟ ଚଳିତଥରର ନିର୍ବାଚନ ପରିଚାଳନାରେ ଥିବା ତ୍ରୁଟିକୁ ପଦାରେ ପକାଇ ଦେଇଛି। ଅବଶ୍ୟ ନିର୍ବାଚନ କମିଶନଙ୍କ ଉଦ୍ୟମରେ ଗତ ୨୦ବର୍ଷ ଧରି ନିର୍ବାଚନ ହୋଇପାରୁନଥିବା ନିୟମଗିରିର ତ୍ରିଲୋଚନପୁର ଓ ଯାଜପୁରର ନଗଡାରେ ଭୋଟ୍ ପଡିଛି। ରାଜନୀତିକ ଦୃଷ୍ଟିରୁ ଦେଖିଲେ ଚଳିତ ନିର୍ବାଚନରେ କଂଗ୍ରେସର ପ୍ରଚାର ନାଁକୁ ମାତ୍ର ରହିଥିବାବେଳେ ବିଜେପି ମଧ୍ୟ ସେଭଳି ପ୍ରଭାବଶାଳୀ ଢଙ୍ଗରେ (୨୦୧୭ ପଂଚାୟତ ନିର୍ବାଚନ ଭଳି) ପ୍ରଚାର କରିନାହିଁ। କିନ୍ତୁ ବିଜେଡିର ନିର୍ବାଚନ ପରିଚାଳନା ବେଶ୍ ସୁଚିନ୍ତିତ ରଣନୀତି ଆଧାରରେ ହୋଇଥିବା ଦେଖିବାକୁ ମିଳିଛି। ବିଜେଡି ନିଜର ଦଳୀୟ ନେତାମାନଙ୍କୁ ଭରସାକୁ ନନେଇ ନୂଆ ଢଙ୍ଗରେ ଭୋଟରଙ୍କ ପାଖରେ ପହଂଚି ନିଜର ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିଛି। ଦଳ ନିଜର ଚେହେରା ନବୀନ ପଟ୍ଟନାୟକଙ୍କୁ ମଇଦାନକୁ ଓହ୍ଲାଇ ନଥିବାବେଳେ ଅଧିକାଂଶ ବରିଷ୍ଠ ନେତାମାନଙ୍କୁ ମଧ୍ୟ ପ୍ରଚାର ମଇଦାନରୁ ଦୂରେଇ ରଖିଥିଲା । ବିଜେଡି ଏଭଳି ଭାବେ ଏକ ନୂଆ ରଣନୀତିକୁ ପରୀକ୍ଷାମୂଳକ ପ୍ରୟୋଗ କରାଇଥିଲେ ମଧ୍ୟ ବିଜେପି ଓ କଂଗ୍ରେସ ଶେଷ ପର୍ଯ୍ୟନ୍ତ ଏହି ରଣନୀତିକୁ ଭେଦ ମଧ୍ୟ କରିବାରେ ସକ୍ଷମ ହୋଇନାହାନ୍ତି । କଂଗ୍ରେସ ଶେଷ ପର୍ଯ୍ୟନ୍ତ ନିଜର ପୁରୁଖା ନେତାଙ୍କୁ ପ୍ରଚାର ମଇଦାନରୁ ଦୂରେଇ ରଖିବା ସହ ଆଖିଦୃଶିଆ ପ୍ରଚାର କି ରଣନୀତି ମଧ୍ୟ କରିନଥିଲା । ଅନେକ ଜ୍ୱଳନ୍ତ ପ୍ରସଙ୍ଗ ଥାଇ ମଧ୍ୟ ଲୋକଙ୍କ ନିକଟତର ହେବାରେ ବିଜେପି ସକ୍ଷମ ହୋଇପାରିନ ଥିବା ଜଣାପଡିଛି ।



## ଚତୁର୍ଥ ପର୍ଯ୍ୟାୟରେ ୭୩% ମତଦାନ

ଭୁବନେଶ୍ୱର, ୨୨।୨(ପି.ଏନ): ଚତୁର୍ଥ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ମତଦାନ ପ୍ରାୟ ୭୩ ପ୍ରତିଶତ ରହିଛି। ସେହିପରି ୪/୫ଟି ସ୍ଥାନରେ ମତଦାନ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।ରାଜ୍ୟ ନିର୍ବାଚନ କମିଶନ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି ଯେ ରାଜ୍ୟରେ ୪ର୍ଥ ପର୍ଯ୍ୟାୟରେ ୭୩ ପ୍ରତିଶତ ମତଦାନ ହୋଇଛି। ସକାଳ ୯ଟା ସୁଦ୍ଧା ୨୦ ପ୍ରତିଶତ ଓ ୧୨ଟା ସୁଦ୍ଧା ୪୫ ପ୍ରତିଶତ ମତଦାନ ହୋଇଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ମୋଟ ୭୩ ପ୍ରତିଶତ ମତଦାନ ହୋଇଛି। ନକ୍ସଲପ୍ରବଣ ନିୟମଗିରିର ତ୍ରିଲୋଚନପୁରରେ ୮୦ ପ୍ରତିଶତ ମତଦାନ ହୋଇଥିବାବେଳେ ଯାଜପୁରର ନଗଡ଼ାରେ ୮୩ ପ୍ରତିଶତ ମତଦାନ ହୋଇଛି। ସେଠାରେ ୨୦ବର୍ଷ ପରେ ଭୋଟ୍ ପଡ଼ିଛି । ବିଭିନ୍ନ କାରଣରୁ ଆଜି ୪/୫ଟି ସ୍ଥାନରେ ମତଦାନ ପ୍ରଭାବିତ ହୋଇଛି ଓ ଜିଲ୍ଲାପାଳମାନଙ୍କୁ ଏନେଇ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ଯାହା ପଦକ୍ଷେପ ନିଆଯିବ। ବାଲାଟ ପେପରରେ ତ୍ରୁଟି ଯୋଗୁ କେନ୍ଦ୍ରାପଡ଼ା ଓ ଯାଜପୁରର ୨ଟି ସ୍ଥାନରେ ଭୋଟ୍ ଗ୍ରହଣ ବାତିଲ କରାଯାଇଛି। ମଙ୍ଗଳବାର ୨୭ଟି ଜିଲ୍ଲାର ୬୪ଟି ବ୍ଲକର ୧୨୫୪ଟି ପଂଚାୟତର ୧୭୦୮୯ଟି ବୁଥରେ ୫୧.୩୧ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିଲେ। ଏହି ବୁଥ ମଧ୍ୟରୁ ୨୫୬୩ଟି ବୁଥକୁ ନିର୍ବାଚନ କମିଶନ ଅତି ସମ୍ବେଦନଶୀଳ ଘୋଷଣା କରିଥିଲେ। ରାଜ୍ୟରେ ଫେବୃୟାରୀ ୧୬ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଫେବୃୟାରୀ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ଫେବୃୟାରୀ ୨୦ ତୃତୀୟ ପର୍ଯ୍ୟାୟରେ ୭୮.୬% ମତଦାନ ହୋଇଛି। ୨୪ତାରିଖରେ ପଂଚମ ତଥା ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ।

## ବାଲାଟବକ୍ସ ଷ୍ଟ୍ରଙ୍ଗ ରୁମ୍‌କୁ କଡ଼ା ସୁରକ୍ଷା ବଳୟରେ ରଖିବାକୁ କଂଗ୍ରେସର ଦାବି

ଭୁବନେଶ୍ୱର, ୨୨।୨(ପି.ଏନ): ଭୋଟ୍ ବାକ୍ସକୁ ଷ୍ଟ୍ରଙ୍ଗରୁମରେ ରଖିବା ପରେ ଉକ୍ତ ୩୧୪ ବ୍ଲକର ଷ୍ଟ୍ରଙ୍ଗରୁମ୍ ଗୁଡ଼ିକୁ ଉଚ୍ଚ ସୁରକ୍ଷାବଳୟ ଭିତରେ ସୁରକ୍ଷିତ ରଖିବା ସହ ନିରନ୍ତର ବିଦ୍ୟୁତ ସରବରାହ ମଧ୍ୟରେ ଗଣତି ନ ସରିବା ଓ ଫଳାଫଳ ପ୍ରକାଶ ନହେବା ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଯେପରି ବନ୍ଦ ନ ହୁଏ, ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଯେପରି ସିସିଟିଭି ଫୁଟେଜକୁ ଭଲଭାବେ ଦେଖିବା ଲାଗି ବଡ଼ ଏଲ୍‌ସିଡି ଲଗାଇବାର ଆଶୁ ବ୍ୟବସ୍ଥା ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବିଡ଼ିଓମାନେ ସୂଚାରୁରୂପେ ନିର୍ବାହନ କରିବେ ସେଥିଲାଗି ରାଜ୍ୟ ନିର୍ବାଚନ ଆୟୋଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ଓ ମୁଖ୍ୟ ଶାସନ ସଚିବଙ୍କୁ ଅବିଳମ୍ବେ ସତର୍କବାଣୀ ସହ ନିର୍ଦ୍ଦେଶ ଦେବାକୁ ପିସିସି ପ୍ରତିନିଧି ଦଳ ଦାବି କରିଛନ୍ତି। ଅବାଧ, ମୁକ୍ତ ଓ ନୀରପେକ୍ଷ ନିର୍ବାଚନ ସମସ୍ତଙ୍କ ଲାଗି ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ଏ ଦିଗରେ ତ୍ୱରିତ ଓ ନିରନ୍ତର ଆଶୁ ପଦକ୍ଷେପ ନେବାରେ ରାଜ୍ୟର ବହୁ ଜାଗାରେ ବିଶୃଙ୍ଖଳା, ହିଂସା ଚରମ ସୀମାରେ ପଂହଚିଛି। ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକର ବାଛୋଳ, ଜରୀ ଗ୍ରା.ପ.,କୋରେଇ ବ୍ଲକର ଗୋଳେଇପୁର ଗ୍ରା:ପର ସାନ ବିରୁହାଁ, ବସ୍ତା, ଭୋଗରାଇ ଓ ଜଳେଶ୍ୱର ଅଂଚଳରେ ପୋଲିସର ନୀରିହ ଜନସାଧାରଣଙ୍କୁ ଯେପରି ଅମାନୁଷିକ ଆକ୍ରମଣ, ଗିରଫଦାରୀ ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ଅଟେ।

## ଗୋଟିଏ ଦିନରେ ୪୨୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୨୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୩୨୯୭ କୁ ବୃଦ୍ଧି ପାଇଛି ।ସେହିପରି ୧୮ ବର୍ଷରୁ କମ ୧୩୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୯୨୫୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୯୫୫ ରହିଛି ।ଆଜି ଚିହ୍ନଟ ହୋଇଥିବା ୪୨୮ ଜଣଙ୍କ ମଧ୍ୟରୁ ୨୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୫ , ବାଲେଶ୍ୱର ଜିଲ୍ଲାରୁ ୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧ , କଟକରୁ ୨୭ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୮, ଗଂଜାମ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪, ଯାଜପୁରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଝାରସୁଗୁଡ଼ା ଜିଲ୍ଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ୮, ଖୋର୍ଦ୍ଧାରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କୋରାପୁଟ ଜିଲ୍ଲାରୁ ୧୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ପୁରୀ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୯୬, ଷ୍ଟେଟ୍ ପୁଲରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଆସୁଛି ଆଉ ଏକ ପଶ୍ଚିମା ଝଡ; ତିନିଦିନ ବର୍ଷା ହେବ !



ଭୁବନେଶ୍ୱର,୨୨।୨(ପି.ଏନ): ବର୍ତ୍ତମାନ ଆଫଗାନିସ୍ଥାନ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି ପଶ୍ଚିମା-ଝଡ। ଏହାର ପ୍ରଭାବରେ ୨୪ ତାରିଖରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ। ତେବେ ୨୫ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏଥିସହ କେତେକ ଜିଲ୍ଲାରେ ବିଜୁଳି ଘଡଘଡି ମାରିପାରେ। ୨୫ ତାରିଖରେ ପୁଣି ପଶ୍ଚିମ-ହିମାଳୟ ଅଞ୍ଚଳରେ ସକ୍ରିୟ ହେବ ଆଉ ଏକ ପଶ୍ଚିମା ଝଡ। ଏହାର ପ୍ରଭାବରେ ୨୬ ତାରିଖରେ ଓଡିଶାରେ କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଏଚ୍.ଆର୍. ବିଶ୍ୱାସ କହିଛନ୍ତି, ୨୪ ତାରିଖରେ ବରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ତେବେ ବାକି ଜିଲ୍ଲାରେ ସାଧାରଣତଃ ପାଗ ଶୁଖିଲା ରହିବ। ଠିକ୍ ସେମିତି ୨୫ ତାରିଖରେ ଉତ୍ତର ଓଡିଶାର କେତେକ ଜିଲ୍ଲାରେ କିଛି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଦକ୍ଷିଣ ଓଡିଶାରେ ମଧ୍ୟ ଗୋଟିଏ ଦୁଇଟି ସ୍ଥାନରେ ହାଲ୍ ?କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୫ ତାରିଖରେ ବିଜୁଳି ଓ ଘଡଘଡି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେ କହିଛନ୍ତି, ୨୬ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, ଢେଙ୍କାନାଳ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱରରେ ବର୍ଷା ହେବାର ସମ୍ଭାବନା ନାହିଁ। ୨୫ ଓ ୨୬ ତାରିଖରେ ଭୁବନେଶ୍ୱରରେ ବିଜୁଳି ଓ ଘଡଘଡି ମାରିପାରେ ବୋଲି ଡକ୍ଟର ବିଶ୍ୱାସ କହିଛନ୍ତି।

## ପରିତ୍ୟକ୍ତ ଘରୁ ନରକଙ୍କାଳ ଉଦ୍ଧାର

ଧର୍ମଶାଳା,୨୨।୨(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବ୍ଲକ ପରିସରରେ ଥିବା ପରିତ୍ୟକ୍ତ ଘରୁ ମଙ୍ଗଳବାର ଏକ ନରକଙ୍କାଳକୁ ପୁଲିସ ଉଦ୍ଧାର କରିଛି । ପିଲାମାନେ ଆଜି ସେଠାରେ ଖେଳୁଥିବା ବେଳେ ସେଠାରେ ନରକଙ୍କାଳ ପଡିଥିବା ଦେଖିବା ପରେ ଲୋକେ ପୁଲିସକୁ ଖବର ଦେଇଥିଲେ । ଧର୍ମଶାଳା ପୁଲିସ ଘଟଣା ସ୍ଥଳରେ ପହଁଚି ସେଠାରେ ପଡିଥିବା ଖପୁରୀ, କିଛି ହାଡ, ଚୁଡି ଓ କପଡା ଜବତ କରିଥିବା ଜଣାଯାଇଛି । ତେବେ ଏହି ନରକଙ୍କାଳ କାହାର ଏବଂ ଏହି ପରିତ୍ୟକ୍ତ ଘରକୁ କିଭଳି ଆସିଲା ଏନେଇ ପୋଲିସ ଅଧିକ ଅନୁସନ୍ଧାନ ଚଳାଇଛି । ତେବେ ନରକଙ୍କାଳ ଉଦ୍ଧାର ପରେ ସ୍ଥାନୀୟ ଅଂଚଳରେ ନାନା ଚର୍ଚ୍ଚା ଆଲୋଚନା ହେଉଛି।

## ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଶାସକ ବିଜେଡି ବାରମ୍ବାର ଉଲ୍ଲଂଘନ କରିଚାଲିଛି : ବିଜେପି

ଭୁବନେଶ୍ୱର, ୨୨।୨(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଭାବେ ଶାସକ ବିଜେଡି ବାରମ୍ବାର ଉଲ୍ଲଂଘନ କରିଚାଲିଛି। ରାଜ୍ୟ ନିର୍ବାଚନ କମିଶନଙ୍କୁ ଏ ସଂପର୍କରେ ବାରମ୍ବାର ଅଭିଯୋଗ କରିବା ସତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ପଂଚାୟତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିଥିବା ଶାସକ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟରକୁ ହଟାଇବା ପାଇଁ ବିଜେପିର ବାରମ୍ବାର ଅଭିଯୋଗ କରିଆସିଛି । ମତଦାନ କେନ୍ଦ୍ର ଭିତରେ ଏବଂ ଏହାର ଆଶ୍ୱପାର୍ଶ୍ୱ ଅଂଚଳରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ, ବ୍ୟାନର, ହୋର୍ଡିଂ ଆଦି ହଟାଗଲା ନାହିଁ। ନିର୍ବାଚନର ୪ର୍ଥ ପର୍ଯ୍ୟାୟ ଶେଷ ହୋଇସାରିଛି ଏବଂ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହା ସଂପୂର୍ଣ୍ଣ ଭାବେ ଆଦର୍ଶ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ । ଆଉ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୪ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବାବେଳେ ମତଦାନ କେନ୍ଦ୍ର ଏବଂ ଏହାର ଆଖପାଖ ଅଂଚଳରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର, ବ୍ୟାନର ଓ ହୋର୍ଡିଂକୁ ହଟାଇବା ପାଇଁ ଭାରତୀୟ ଜନତା ପାର୍ଟୀ ଆଜି ପୁଣି ଥରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରିଛି ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ କହିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ପୃଥ୍ୱୀରାଜ କୁଅଁର, ଲିଗାଲ ସେଲର ମହେନ୍ଦ୍ର ପ୍ରଧାନ, ମହିଳା ମୋର୍ଚ୍ଚା ରାଜ୍ୟ ମିଡିଆ ସଂଯୋଜକ ସୁଚରିତା ଜେନାମଣି, ମହିଳା ମୋର୍ଚ୍ଚା ସୋସିଆଲ ମିଡିଆ ରାଜ୍ୟ ସଂଯୋଜିକା ଶତରୂପା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟ୍ ବାକ୍ସ ସୁରକ୍ଷା: ୪ ଦିନରେ ତୃତୀୟ ଥର ସବୁ ଜିଲ୍ଲାପାଳଙ୍କୁ ତାଗିଦ୍, 'ପରିଣାମ'ରେ ମିଳିବ ରେଜଲ୍ଟ

ଭୁବନେଶ୍ୱର,୨୨।୨(ପି.ଏନ): ରାଜ୍ୟବ୍ୟାପୀ ବ୍ୟାପକ ହିଂସା ଓ ଗଣ୍ଡଗୋଳ ମଧ୍ୟରେ ପଂଚାୟତ ନିର୍ବାଚନ ପାଇଁ ମତଦାନ ଚାଲିଥିବାବେଳେ ଭୋଟ ବାକ୍ସଗୁଡିକର ସୁରକ୍ଷାକୁ ନେଇ ପ୍ରାର୍ଥୀଙ୍କଠୁ ଆରମ୍ଭ କରି ରାଜନୀତିକ ଦଳ ପର୍ଯ୍ୟନ୍ତ ସମସ୍ତଙ୍କ ଚିନ୍ତା ବ?ିଯାଇଛି । ଆଉ ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନର ଗତ ୪ଦିନ ମଧ୍ୟରେ ୩ଥର ଚିଠି ଲେଖି ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ଭୋଟ ବାକ୍ସ ସୁରକ୍ଷା, ଷ୍ଟ୍ରଙ୍ଗରୁମର ନିରାପତ୍ତା, ଭୋଟ୍ ଗଣତି କେନ୍ଦ୍ରର ସୁରକ୍ଷା ଆଦିକୁ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହାସହିତ ପଂଚାୟତ ନିର୍ବାଚନ ଫଳାଫଳ 'ପରିଣାମ' ୱେବପୋର୍ଟାଲ ମାଧ୍ୟମରେ ଉପଲବ୍ଧ କରାଇବାକୁ ନିର୍ବାଚନ କମିଶନ ବ୍ୟବସ୍ଥା କରିଛନ୍ତି ।ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ପଂଚାୟତ ନିର୍ବାଚନ ପାଇଁ ଭୋଟଗ୍ରହଣ ୨୪ ତାରିଖରେ ଶେଷ ହେବା ପରେ ୨୬ରୁ ୨୮ତାରିଖ ୩ଦିନ ଧରି ରାଜ୍ୟବ୍ୟାପୀ ସମସ୍ତ ବ୍ଲକ ମୁଖ୍ୟାଳୟରେ ଏହି ଭୋଟ୍ ଗଣତି କରାଯିବ । ତେବେ ଏହି ଗଣତି ଫଳାଫଳକୁ ଅନଲାଇନ୍ 'ପରିଣାମ' ପୋର୍ଟାଲ ମାଧ୍ୟମରେ ଅପଡେଟ୍ କରାଇବାକୁ ସମସ୍ତ ଜିଲ୍ଲାପାଳମାନଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ଅଧିକାରୀ ବା ବିଡିଓମାନେ ୨୪ତାରିଖ ସୁଦ୍ଧା ଏହି ପୋର୍ଟାଲ ପାଇଁ ଆବଶ୍ୟକ ଡାଟା ଉପଲବ୍ଧ କରାଇବେ । ଯାହାଫଳରେ ଭୋଟଗଣତି ପରେ ପଂଚାୟତ ଓ ୱାର୍ଡ ୱାରି କେଉଁ ଜିଲ୍ଲା ପରିଷଦ ପ୍ରାର୍ଥୀ କେତେ ଭୋଟ୍ ପାଇଲେ ତାହା ଏହି ପୋର୍ଟାଲ ମାଧ୍ୟମରେ ସମସ୍ତେ ଜାଣପାରିବେ । ଏଥିପାଇଁ ପ୍ରତ୍ୟେକ ଭୋଟଗଣତି କେନ୍ଦ୍ରରେ ଇଣ୍ଟରନେଟ ସଂଯୋଗ ସହ ଆବଶ୍ୟକ ପରିମାଣର କମ୍ପ୍ୟୁଟର ଅବା ଲାପଟପ୍ ଉପଲବ୍ଧ ରଖିବାକୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମଥର ପାଇଁ ପଂଚାୟତ ନିର୍ବାଚନ ଫଳାଫଳ ଅନଲାଇନରେ ଉପଲବ୍ଧ ହେବ ।ସେହିପରି ରାଜ୍ୟରେ ବ୍ୟାପକ ହିଂସା ଓ ଗଣ୍ଡଗୋଳ ମଧ୍ୟରେ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ଭୋଟ ଗଣତି ପର୍ଯ୍ୟନ୍ତ ଭୋଟ ବାକ୍ସଗୁଡିକର ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ଆଶଙ୍କା ଦେଖାଦେଇଛି । ପ୍ରଥମଥର ପଂଚାୟତ ନିର୍ବାଚନ ପାଇଁ ଭୋଟଗଣତି ବ୍ଲକସ୍ତରରେ ହେଉଥିବାରୁ ଭୋଟ ବାକ୍ସ ରଖିବାକୁ ଉଦ୍ଦିଷ୍ଟ 'ଷ୍ଟ୍ରଙ୍ଗରୁମ'ର ସୁରକ୍ଷା ଓ ଭୋଟ ବାକ୍ସ ଟ୍ୟାମ୍ପରିଂ ହେବାର ଆଶଙ୍କା ବିଭିନ୍ନ ରାଜନୀତିକ ଦଳ ଓ ପ୍ରାର୍ଥୀମାନେ କରୁଛନ୍ତି । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନର ଫେବୃୟାରୀ ୧୯, ୨୦ ଓ ୨୨ତାରିଖରେ ୩ଟି ଚିଠି ଲେଖି ସମସ୍ତ ଜିଲ୍ଲାପାଳଙ୍କୁ ଷ୍ଟ୍ରଙ୍ଗରୁମ୍ ଓ ଭୋଟ ବାକ୍ସର ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ସିଲ୍ ହୋଇଥିବା ଷ୍ଟ୍ରଙ୍ଗରୁମ୍ ଯେଭଳି କୌଣସି ପରିସ୍ଥିତିରେ ବି ଖୋଲା ନଯାଏ ତାହା ସୁନିଶ୍ଚିତ କରିବାକୁ କହିଛନ୍ତି । ଯେଉଁ କିଛି ସ୍ଥାନରେ ସାନି ମତଦାନ ହେଉଛି ସେଠାରେ ବି ଷ୍ଟ୍ରଙ୍ଗରୁମକୁ ନଖୋଲି ଅନ୍ୟ ଏକ ଷ୍ଟ୍ରଙ୍ଗରୁମରେ ଏହି ଭୋଟ ବାକ୍ସଗୁଡିକୁ ରଖିବାକୁ କମିଶନ କହିଛନ୍ତି । ଏହାସହିତ ଭୋଟ ବାକ୍ସ ରହୁଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କର ପ୍ରତିନିଧିମାନେ ଯେଭଳି କରିପାରିବେ ସେଥିପାଇଁ ଆବଶ୍ୟକ ଅନୁମତି ପ୍ରତ୍ୟେକ ବିଡିଓ ବା ନିର୍ବାଚନ ଅଧିକାରୀ ଯେଭଳି ଦେବେ ସେଥିପାଇଁ ଜିଲ୍ଲାପାଳମାନେ ଅନୁରୂପ ନିର୍ଦ୍ଦେଶନାମା ଜାରି କରିବେ ।ଭୋଟ ବାକ୍ସ ରହୁଥିବା ଷ୍ଟ୍ରଙ୍ଗରୁମରେ ୨୪ଘଣ୍ଟା ବିଦ୍ୟୁତ ସଂଯୋଗ ସହ ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ବାଚନ ଅଧିକାରୀମାନଙ୍କୁ କୁହାଯାଇଛି । ଷ୍ଟ୍ରଙ୍ଗରୁମ ସିଲ୍ ହେବା ପରେ ନିର୍ବାଚନ ଅଧିକାରୀ ଅବା ଅନ୍ୟ କୌଣସି ଅଧିକାରୀ ତାକୁ ଖୋଲି ପାରିବେ ନାହିଁ । କେବଳ ଏକ ନିର୍ଦ୍ଦିଷ୍ଟ ଦୂରତ୍ୱରୁ ଏହାର ସୁରକ୍ଷା ସୁନିଶ୍ଚିତ କରାଇବେ ।



ଭୋଟ ଗଣତି ଦିନ ପ୍ରାର୍ଥୀମାନଙ୍କ ଏଜେଂଟ, ଭୋଟ ଗଣନା କରୁଥିବା କର୍ମଚାରୀ, ଏପରିକି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ଗଣତି କେନ୍ଦ୍ର ଭିତରକୁ ପାଣି ବୋତଲ ଓ ମୋବାଇଲ୍ ଫୋନ୍ ନେବାକୁ ଅନୁମତି ମିଳିବ ନାହିଁ । କୌଣସି ପ୍ରକାରର ଇଲେକ୍ଟ୍ରୋନିକ୍ସ ଡିଭାଇସ, ସିଲ୍ , ଷ୍ଟାମ୍ପ ପ୍ୟାଡ୍ , ସ୍ୱାଏ ପେନ୍ ଓ ଅନ୍ୟ ସାମଗ୍ରୀ ଯେପରି ଭିତରକୁ ନଯିବ ତାହା ଭୋଟ ଗଣତି କେନ୍ଦ୍ରର ଗେଟ୍ ପାଖରେ କଡାକଡି ଭାବେ ଯାଂଚ୍ କରାଯିବ । ତେବେ ପାନୀୟ ଜଳର ବ୍ୟବସ୍ଥା ଗଣତି ହଲ୍ ବାହାରେ ରହିବ ଓ ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଏଜେଂଟ୍ ସେଠାରେ ଯାଇ ପାଣି ପିଇପାରିବେ ବୋଲି କମିଶନ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ।ରାଜ୍ୟରେ ବ୍ୟାପକ ପୁଲିସ ମୁତୟନ ସତ୍ତ୍ୱେ ନିର୍ବାଚନୀ ହିଂସା ଓ ଗୋଷ୍ଠୀ ସଂଘର୍ଷ ବ?ୁଥିବାବେଳେ ଭୋଟ ବାକ୍ସର ସୁରକ୍ଷା ଏକପ୍ରକାର ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ସବୁ ବ୍ଲକ ମୁଖ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ ଓ ଭୋଟବାକ୍ସର ସୁରକ୍ଷା ପାଇଁ ରାଜ୍ୟ ନିର୍ବାଚନ କମିଶନ କ୍ରମାଗତ ଏଭଳି ତାଗିଦ୍ କରୁଥିବା ଜଣାପଡିଛି।

## ଚଳିତ ଆର୍ଥିକ ବର୍ଷ ୩୮ ଦିନ ପୂର୍ବରୁ ପୂର୍ବତଟ ରେଳପଥ ଗତ ବର୍ଷ ଠାରୁ ଅଧିକ କରିଛି

ଭୁବନେଶ୍ୱର, ୨୨।୨(ପି.ଏନ): ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୩୮ ଦିନ ପୂର୍ବରୁ ଅର୍ଥାତ୍ ୧ ଏପ୍ରିଲ୍ ୨୦୨୧ ରୁ ୨୧ ଫେବୃଆରୀ, ୨୦୨୨ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷର ପଣ୍ୟ ବୋଝେଇକୁ ଅତିକ୍ରମ କରିସାରିଛି । ନୂତନ ଭାବେ ଜୋନ୍ ଆରମ୍ଭ ହେବା ଦିନଠାରୁ ପୂର୍ବତଟ ରେଳପଥ କ୍ରମାଗତ ଭାବରେ ପୂର୍ବବର୍ଷ ତୁଳନାରେ ପଣ୍ୟ ବୋଝେଇରେ ବର୍ଦ୍ଧିତ ବୋଝେଇ ପ୍ରଦର୍ଶନ କରିଆସୁଅଛି ।ଏପ୍ରିଲ ପହିଲା ୨୦୨୧ ଠାରୁ ୨୧ ଫେବୃଆରୀ, ୨୦୨୨ ସୁଦ୍ଧା ପୂର୍ବତଟ ରେଳପଥ ୨୦୫.୩୭ ନିୟୁତ ଟନ ମାଲ ପରିବହନ କରି ଗତ ଆର୍ଥିକ ବର୍ଷର ପଣ୍ୟ ପରିବହନ ୨୦୪.୯୦ ନିୟୁତ ଟନ ମାଲ ପରିବହନକୁ ଅତିକ୍ରମ କରି ୦.୨୩% ଅଭିବୃଦ୍ଧି ଆଣିପାରିଛି । ମୋଟାମୋଟି ଭାବେ ଗତ ଆର୍ଥିକ ବର୍ଷର ସମାନ ସମୟ ଅପେକ୍ଷା ପୂର୍ବତଟ ରେଳପଥ ୧୫% ଅଧିକ ମାଲ ପରିବହନ କରିଛି ।ଏହି ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୧୧୬.୧୦ ନିୟୁତ ଟନ କୋଇଲା, ୭.୨୯ ନିୟୁତ ଟନ ଷ୍ଟିଲ୍ ପ୍ଲାଣ୍ଟ ପାଇଁ କଞ୍ଚାମାଲ, ୧୮.୮୭ ନିୟୁତ ଟନ ଆଇରନ୍ ଆଣ୍ଡ ଷ୍ଟିଲ୍, ୨୭.୯୨ ନିୟୁତ ଟନ ଲୁହ ପଥର, ୧.୧୭ ନିୟୁତ ଟନ ସିମେଣ୍ଟ, ୨.୬୧ ନିୟୁତ ଟନ ଖାଦ୍ୟ ଶସ୍ୟ, ୫.୧ ନିୟୁତ ଟନ ଫର୍ଟିଲାଇଜର, ୨.୩୮ ନିୟୁତ ଟନ ଖଣିଜ ତୈଳ ଏବଂ ୨୩.୯୪ ନିୟୁତ ଟନ କଣ୍ଟେନରରେ ମାଲ ପରିବହନ ସାମଗ୍ରୀ ସହିତ ଅନ୍ୟାନ୍ୟ କାର୍ଗୋ ପରିବହନ। ଉପରୋକ୍ତ ପରିବହନ ଗୁଡିକରୁ, ପୂର୍ବତଟ ରେଳପଥ ୨୦୩୬୮.୩ କୋଟି ଟଙ୍କା ଆୟ କରିଛି ଯାହା ଗତ ଆର୍ଥିକ ବର୍ଷର ଅନୁରୂପ ସମୟ ତୁଳନାରେ ୧୯.୭% ବୃଦ୍ଧି ପଞ୍ଜିକରଣ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇବାକୁ ପୂର୍ବତଟ ରେଳପଥ ଦୈନିକ ୯୪୭୨ ୱାଗନ୍ ବ୍ୟବହାର ଯାହାକି ଯାହା ପ୍ରତିଦିନ ପ୍ରାୟ ୧୭୪.୬ ରେକ୍ (ମାଲବାହୀ ଟ୍ରେନ୍) ସହିତ ସମାନ ।ପୂର୍ବତଟ ରେଳବାଇର ସମସ୍ତ ତିନୋଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ୱାଲଟିୟର ଓ ସମ୍ବଲପୁରର ଉଲ୍ଲେଖନୀୟ ପ୍ରଦର୍ଶନ ହେତୁ ଏହା ସମ୍ଭବ ହୋଇପାରିଛି। ୨୪ ଘଂଟିଆ ନିରନ୍ତର ଭାବେ ପରିଚାଳନା ସମୀକ୍ଷା ତଦାରଖ, ଉତ୍ସର୍ଗୀକୃତ ଏବଂ ଦୃଢ କାର୍ଯ୍ୟ ଶକ୍ତି ଏହି ପ୍ରଦର୍ଶନକୁ ହାସଲ କରିପାରିଛି।










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢାଙ୍କଣର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ଯୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ଯୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଫେବୃଆରୀ ୨୩**

# ମାତା ହିଁ ଆଦର୍ଶ ସନ୍ତାନ ଗଠନର ଦକ୍ଷ ଶିକ୍ଷୟିତ୍ରୀ



ବିଜ୍ଞାନର ଅଗ୍ରଗତି ସଙ୍ଗେ ସଙ୍ଗେ, ଆଧୁନିକ ଯୁଗରେ ପିତାମାତାଙ୍କ ନିକଟରେ ଆଦର୍ଶର ସଂଜ୍ଞା ମଧ୍ୟ ପରିବର୍ତନ ହୋଇଯାଇଛି । ଅଧିକାଂଶ ଅଭିଭାବକ ଭାବୁଛନ୍ତି ତାଙ୍କର ସନ୍ତାନ ଉଚ୍ଚଶିକ୍ଷା ଲାଭକରି, ଉଚ୍ଚ ବେତନ ପାଇ, ପାଶ୍ଚାତ୍ୟ ଶୈଳୀରେ ଜୀବନ ନିର୍ବାହ କରିଲେ ସେ ଆଦର୍ଶରେ ଗଣ୍ୟ। ସମାଜରେ ଏହି ଶ୍ରେଣୀୟ ଆଦର୍ଶ ବ୍ୟକ୍ତିତ୍ୱମାନେ ସେମାନଙ୍କର ଅହଂକାରୀ ଏବଂ ସ୍ୱାର୍ଥପର ମନୋଭାବରୁ ସାଧାରଣ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରନ୍ତି ନାହିଁ। ପିତାମାତାମାନେ ମଧ୍ୟ ଏହି ଆଦର୍ଶ ସନ୍ତାନମାନଙ୍କର, ସେମାନଙ୍କ ପ୍ରତି ପ୍ରଦର୍ଶିତ ହେୟ ଆଚରଣରେ ଅସହାୟ। ଚୋର ମାଆ ଚୁପି ଚୁପି କାନ୍ଦିବା ଅବସ୍ଥା। ସୁବର୍ଣ ନିର୍ମିତ ପକ୍ଷୀଟିକୁ ସୁନା ପଂଜୁରୀରେ ରଖିଦେଲେ, ତାହା କେବଳ ଦର୍ଶନ ସୁଖ ପ୍ରଦାନ କରିପାରେ, ମାତ୍ର ତାର ସୁମଧୁର କାକଳୀ କେବେବି ଆମ କର୍ଣଗୋଚର ହେବନାହିଁ। ତେଣୁ ପ୍ରକୃତ ପକ୍ଷରେ ଜଣେ ନମ୍ର, ଉଦାର, ନିଃସ୍ୱାର୍ଥପର ଏବଂ ସର୍ବୋପରି ଆଧ୍ୟାତ୍ମିକ ଗୁଣସମ୍ପନ୍ନ ବ୍ୟକ୍ତି ହିଁ ସମାଜରେ ଆଦର୍ଶ ବ୍ୟକ୍ତି ରୂପେ ପରିଗଣିତ। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା ଏବଂ ଆତ୍ମକୈନ୍ଦ୍ରିକ ମାନସିକତା, ଏହି ଆଦର୍ଶ ପଥର ପଥିକ ହେବାପାଇଁ ଅନେକାଂଶରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି। ନକରାତ୍ମକ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଗୋଟିଏ ପିଲାକୁ ଆଦର୍ଶ ରୂପେ ଗଢିବା ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ କିନ୍ତୁ ସଂପୂର୍ଣ ଅସମ୍ଭବ ନୁହେଁ। ସର୍ବାଗ୍ରେ ମାତାମାନଙ୍କର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ।

ଶିଶୁ ମନସ୍ତତ୍ୱବିଦ୍‌ମାନଙ୍କ ମତରେ, ଧମକପୂର୍ଣ ଶାସନ ଅପେକ୍ଷା ଶ୍ରଦ୍ଧାଜଡିତ ଶାସନ ପିଲାଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବା ପାଇଁ ଅଧିକ ଶକ୍ତିଶାଳୀ ମାର୍ଗ, ଯାହାକି ମାଆମାନଙ୍କର ଈଶ୍ୱରଦତ୍ତ ଗୁଣ। କିନ୍ତୁ ମାଆମାନେ କେତେ ପରିମାଣରେ ଶ୍ରଦ୍ଧା କରିବା ଉଚିତ୍ ତାହାର ମଧ୍ୟ ସୀମାରେଖା ନିର୍ଦ୍ଦିଷ୍ଟ। ନଚେତ୍ ଅବାଞ୍ଛିତ ଶ୍ରଦ୍ଧା ପିଲାଙ୍କୁ ଏକଜିଦିଆରେ ପରିଣତ କରାଇବା ଅସମ୍ଭବ ନୁହେଁ। ଅନେକ ମାଆଙ୍କର ଗୋଟିଏ ସାଧାରଣ ଅଭିଯୋଗ, ଆମ ପିଲା ଦୁଷ୍ଟ, ଆଉ ଅମାନିଆ। କିନ୍ତୁ ଏ ଗୁଣଗୁଡିକ ତ ପିଲାଙ୍କର ସହଜାତ। ସେମାନଙ୍କର ଦୁଷ୍ଟାମୀରୁ ଶିକ୍ଷା ପ୍ରଦାନ, ଜିଦ୍‌କୁ ସତ୍ ମାର୍ଗରେ ପରିଚାଳନା ଏବଂ ଅମାନିଆଙ୍କୁ ମନେଇବାର କୌଶଳ ମାଆମାନଙ୍କର ଦକ୍ଷତା ଉପରେ ନିର୍ଭର କରେ। ଯଦି ଜଣେ ଡାକ୍ତର ଗୋଟିଏ ଅସୁସ୍ଥ ପିଲାକୁ ଇଂଜେକ୍‌ସନ ଦେବାପାଇଁ ପରାମର୍ଶ ଦେଉଛନ୍ତି, କିନ୍ତୁ ପିଲାଟି ଇଂଜେକ୍‌ସନ ନନେବାକୁ ଜିଦ୍ କରୁଅଛି, ତେବେ ଏ କ୍ଷେତ୍ରରେ ଆମେ କଣ କରିବା? ଡାକ୍ତରଙ୍କୁ ଫେରାଇଦେବା ନା କଳେବଳେ ତାକୁ ଇଂଜେକ୍‌ସନ ଦିଆଇବା? ଯଦି ଏ କ୍ଷେତ୍ରରେ ଆମେ ତା' ଜିଦ୍‌କୁ ସମର୍ଥନ ନକରି ଉଚିତ୍ ପଦକ୍ଷେପ ନେଇପାରିବା, ତେବେ ଅନ୍ୟାନ୍ୟ ଅନାବଶ୍ୟକ ଜିଦ୍‌ରୁ ତାକୁ କାହିଁକି ନିବୃତ କରିପାରିବା ନାହିଁ? ଇତିହାସ କହେ ବହୁ ମହାମାନବଙ୍କ ସଫଳତାର ପଶ୍ଚାତ୍ ଭାଗରେ ସେମାନଙ୍କ ମାତାମାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଅଧିକାଂଶ ମାଆ ସନ୍ତାନମାନଙ୍କୁ ଆଦର୍ଶ ରୂପେ ଗଢିବା ପାଇଁ ଆବଶ୍ୟକୀୟ ବୈଷୟିକ କୌଶଳ ସମ୍ବନ୍ଧରେ ଅଜ୍ଞ । ତେଣୁ ଆଜି ଆମେ ମାଆମାନଙ୍କର କର୍ତବ୍ୟ ଏବଂ ଦାୟିତ୍ୱ ବାବଦରେ ସମ୍ୟକ୍ ଆଲୋକପାତ କରିବା।

(୧) ସର୍ବପ୍ରଥମେ ଏଥିପାଇଁ ମାଆମାନଙ୍କର ଅସୀମ ଧୈର୍ଯ୍ୟ ଦରକାର ଏବଂ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟକୁ କିୟଦଂଶରେ ତ୍ୟାଗ କରିବା ଦରକାର। ଚପଳମତି ଶିଶୁର ବିକ୍ଷିପ୍ତ ମାନସିକତାକୁ ଆୟତ କରିବା ନିମନ୍ତେ ସ୍ନେହପୂର୍ଣ ବ୍ୟବହାର ପ୍ରଦର୍ଶନ ଏକାନ୍ତ ଆବଶ୍ୟକ, ଯାହାକି ଅସୀମ ଧୈର୍ଯ୍ୟ ବିନା ସମ୍ଭବ ନୁହେଁ। (୨) ମାଆମାନେ ନିଜର ମନୋରଂଜନ ପାଇଁ ଟିଭି ମୋବାଇଲ୍‌ର ବ୍ୟବହାର, ରନ୍ଧନ କାର୍ଯ୍ୟରେ ଅତ୍ୟଧିକ ସମୟ ବିନିଯୋଗ ତଥା ପଡୋଶୀମାନଙ୍କ ସହିତ ଅଦରକାରୀ ଗଳ୍ପରୁ ନିବୃତ ରହି, ସର୍ବଦା ସେମାନଙ୍କର ଶିଶୁ ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ। (୩) ବିଷୟଗତ ଶିକ୍ଷା ସାଙ୍ଗରେ ନୈତିକ ଶିକ୍ଷା ଓ ଶାରୀରିକ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡିତ। ମନ ଏବଂ ଶରୀର ସୁସ୍ଥ ରହିଲେ ଗୋଟିଏ ଶିଶୁ ବିଷୟଗତ ଶିକ୍ଷାରେ ସଫଳତା ପାଇପାରିବ। ତେଣୁ ମାନସିକ ସୁସ୍ଥତା ପାଇଁ, ଆବଶ୍ୟକ ନୈତିକ ଶିକ୍ଷାର, ପ୍ରାଥମିକ ଶିକ୍ଷକ ହେଲେ ମାଆ। ନମ୍ରତା, ଶାଳୀନତା, ଗୁରୁଜନମାନଙ୍କୁସମ୍ମାନ ପ୍ରଦର୍ଶନ, ସମୟାନୁବର୍ତୀତା, ଆତ୍ମନିର୍ଭରଶୀଳତା ପରି ନୈତିକ ଶିକ୍ଷା, ମାଆମାନେ କେବଳ ଉପଦେଶ ମାଧ୍ୟମରେ ନୁହେଁ, ନିଜେ ପାଳନ କରି ପିଲାମାନଙ୍କୁ ଅଭ୍ୟସ୍ତ କରାଇବାକୁ ଚେଷ୍ଟିତ ହେବା ଉଚିତ୍। ସାଧାରଣତଃ ପିଲାମାନେ ଅନୁକରଣପ୍ରିୟ। କହୁଥିବା କାର୍ଯ୍ୟ ଅପେକ୍ଷା କରୁଥିବା କାର୍ଯ୍ୟ ସେମାନଙ୍କୁ ଅଧିକ ପ୍ରଭାବିତ କରିଥାଏ। (୪)ପିଲାମାନଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ କରାଇବା ପାଇଁ ପ୍ରାର୍ଥନା ଏବଂ ପ୍ରଣାମ ପରି ଦୁଇଗୋଟି କାର୍ଯ୍ୟରେ ସେମାନଙ୍କୁ ଅଭ୍ୟସ୍ତ କରାଇବା ଉଚିତ୍। ମାଆମାନେ ପିଲାମାନଙ୍କର ଭଗବତ୍ ସତା, ତଥା ଛୋଟ ଛୋଟ ଶିକ୍ଷଣୀୟ ପୌରାଣିକ ଗଳ୍ପ ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରାଇବା ଉଚିତ୍। ନିଜେ ଠାକୁରଘରେ ପ୍ରାର୍ଥନା କରିବା ସମୟରେ ପିଲାମାନଙ୍କୁ ଅଭ୍ୟସ୍ତ କରାଇବା ଆବଶ୍ୟକ। (୫) ଗୁରୁଜନମାନଙ୍କ ପଦ ସ୍ପର୍ଶ କରି ପ୍ରଣାମ କଲେ, ସେମାନଙ୍କ ଅନ୍ତର ଭିତରୁ ଝରି ପଡିଥାଏ ଆବେଗଭରା ଆଶିର୍ବାଦ। ମାଆମାନେ, ଗୁରୁଜନଙ୍କୁ ପ୍ରଣାମ ପାଇଁ, ପିଲାମାନଙ୍କୁ ପ୍ରବର୍ତାଇବା ପରିବର୍ତେ, ଗୁରୁଜନମାନଙ୍କୁ ନିଜେ ପ୍ରଣାମ କରିବା ଅଭ୍ୟାସ ଜାରି ରଖିଲେ ପିଲାଙ୍କୁ ଅଭ୍ୟସ୍ତ କରାଇବାକୁ ବିଶେଷ କଷ୍ଟ କରିବାକୁ ପଡିବ ନାହିଁ। (୬) ସନ୍ତୁଳିତ ସାତ୍ୱିକ ଆହାର ମନ ଏବଂ ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଆଜିକାଲି ବଜାରରେ ଉପଲବ୍ଧ ଜଙ୍କ ଫୁଡ୍ ଶରୀର ପାଇଁ କେତେ ମାରାତ୍ମକ ତାହା ଅନୁଭବ କରି, ପିଲାମାନଙ୍କୁ ଏ ଅଭ୍ୟାସରୁ ନିବୃତ କରାଇବା ଆବଶ୍ୟକ। ତେଣୁ ମାଆମାନେ ପ୍ରଥମେ ନିଜର ଜିହ୍ୱାଲାଳସାକୁ ଚରିତାର୍ଥ କରିବା ପାଇଁ, ନିଜ ଗୃହରେ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ନିଜେ ଖାଆନ୍ତୁ ତଥା ପିଲାମାନଙ୍କୁ ଖୁଆନ୍ତୁ। (୭) ପିଲାମାନେ ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ କରିବା ଆବଶ୍ୟକ। ପିଲାଟି କେଉଁ ବିଷୟରେ ଦୁର୍ବଳ, କେଉଁଥିରେ ଭଲ କରୁଛି, ତାର ଦୈନନ୍ଦିନ ଅଭ୍ୟାସ ଚାଲିଚଳନ ବାବଦରେ ପିଲାଙ୍କ ଉପସ୍ଥିତିରେ ସେମାନଙ୍କ ସହିତ ଆଲୋଚନା କରିବା ଉଚିତ୍। କାରଣ ପ୍ରାୟତଃ ପିଲାମାନେ ପିତାମାତାଙ୍କ ଅପେକ୍ଷା ଶିକ୍ଷକମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। (୮) ଯଦି କୌଣସି କାରଣବଶତଃ ପିଲା ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ଆଣନ୍ତି, ତେବେ ପିଲାମାନଙ୍କ ଆଗରେ କେବେବି ଶିକ୍ଷକଙ୍କୁ ଗାଳିଗୁଲଜ କରିବା ଉଚିତ୍ ନୁହେଁ। ନଚେତ୍ ସେମାନଙ୍କ ପ୍ରତି ପିଲାଙ୍କର ସଂଭ୍ରମତା ନ୍ୟୂନ ହୋଇଯିବାର ଆଶଙ୍କା ରହିଅଛି। ଆମ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଗୁରୁମାନଙ୍କୁ କୌଣସି ହାଲତ୍‌ରେ ଅସମ୍ମାନ କରିବା ଅନୁଚିତ୍। (୯) ସାଧାରଣତଃ ଅଭିଭାବକମାନେ ପିଲାମାନଙ୍କର ନବଭାଗ ସଫଳତାକୁ ପ୍ରଶଂସା ନକରି ଦଶଭାଗ ବିଫଳତା ପାଇଁ ଦୋଷାରୋପ କରିଥାନ୍ତି। ଧରନ୍ତୁ ଜଣେ ପିଲା ପରୀକ୍ଷାରେ ସମସ୍ତ ବିଷୟରେ ଭଲଫଳ ପ୍ରଦର୍ଶନ କରି, ଗୋଟିଏ ବିଷୟରେ ଖରାପ କରି ଦେଇଛି, ଆମେ ତାକୁ ପ୍ରଥମେ ଖରାପ କରିଥିବା ବିଷୟ ପାଇଁ ଗାଳି ଆରମ୍ଭ କରିଦେଇଥାଉ। କିନ୍ତୁ ପ୍ରକୃତରେ ଭଲ କରିଥିବା ବିଷୟ ପାଇଁ ପ୍ରଥମେ ପ୍ରଶଂସା କରି, ଖରାପ କରିଥିବା ବିଷୟରେ ଅଧିକ ଭଲ କରିବା ପାଇଁ ପ୍ରୋତ୍ସାହନ ଦେବା ଉଚିତ୍। (୧୦) ଦାମ୍ପତ୍ୟ ଜୀବନରେ କଳହ ଅବଶ୍ୟମ୍ଭାବୀ, କିନ୍ତୁ ପିଲାମାନଙ୍କ ସମ୍ମୁଖରେ କେବେବି କଳହଲିପ୍ତ ହେବା ଅନୁଚିତ୍ , ଯାହାକି ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। (୧୧) ଆମ୍ଭେ ପିଲାମାନଙ୍କଠାରୁ ଯେଉଁପରି ବ୍ୟବହାର ଓ କାର୍ଯ୍ୟ ଆଶା କରୁଅଛେ, ସେହିପରି ବ୍ୟବହାର ଓ କାର୍ଯ୍ୟ ତାଙ୍କ ସମ୍ମୁଖରେ ଅନ୍ୟମାନଙ୍କୁ ପ୍ରଦର୍ଶିତ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ। ସର୍ବଶେଷରେ ଗୋଟିଏ କଥା, ରୁଗ୍ଣ ସାମାଜିକ ବ୍ୟବସ୍ଥା ମଧ୍ୟରେ ଆମେ ଆମ ଶିଶୁମାନଙ୍କୁ କେତେ ଆଦର୍ଶ ରୂପେ ଗଢିପାରିବା , ତାହା ଆମ ଧୈର୍ଯ୍ୟ, ନିଷ୍ଠା ଏବଂ କାର୍ଯ୍ୟ କୁଶଳତା ଉପରେ ନିର୍ଭର କରୁଅଛି।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ।, ମୋ-୬୩୭୧୫୯୩୨୨୦

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଜାତୀୟ ନିର୍ବାଚନ କମିଶନ

ଆଇନ ସହିତ ସବୁବେଳେ ନିର୍ବାଚନ ବେଳେ ଲୁଚୁକାଳି ଖେଳ ଖେଳିବାକୁ ଚେଷ୍ଟା କରୁଥିବା ଆମର ରାଜନେତାଙ୍କ ପାଇଁ ସମ୍ବିଧାନ ନିର୍ବାଚନ କମିଶନ ନାମକ ଶକ୍ତିଶାଳୀ ଛାଟର ବ୍ୟବସ୍ଥା ରଖିଯାଇଛି । ନେତା ଯେତେ ଶକ୍ତିଶାଳୀ ହୁଅନ୍ତୁ, ଆଇନକୁ ଫାଙ୍କିବାକୁ ଯେତେ କଳା କୌଶଳ ଆବିଷ୍କାର କରନ୍ତୁ; ଏକ ଦୃଢ କମିଶନ ଆଗରେ ସେମାନେ କିପରି ମୂଷିକ ଅବତାର ହୋଇଯାଆନ୍ତି ତାହା ଆମର ପୂର୍ବତନ ନିର୍ବାଚନ କମିଶନର ଟିଏନ ଶେଷାନ ପ୍ରମାଣ କରିଯାଇଛନ୍ତି । କମିଶନ ଏକ ସାମ୍ବିଧାନିକ ସ୍ୱୟଂ କ୍ଷମତାପ୍ରାପ୍ତ ପଦବୀ ବା ଅନୁଷ୍ଠାନ । ସମ୍ବିଧାନର ୩୨୪ ଧାରା ଓ ଭାରତୀୟ ଲୋକ ପ୍ରତିନିଧି ଆଇନ ଦ୍ୱାରା ଏହା ସୃଷ୍ଟି ହୋଇଚି । ଅନ୍ୟ ସାମ୍ବିଧାନିକ ଅନୁଷ୍ଠାନ, ନ୍ୟାୟିକ ସଂଗଠନ (ସୁପ୍ରିମ କୋର୍ଟ,ଲୋକସେବା ଆୟୋଗ ଓ କଂପଟ୍ରୋଲର ଆଣ୍ଡ ଅଡିଟରଙ୍କ ଭଳି ସଂପୂର୍ଣ୍ଣ ସ୍ୱାଧିନ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିବାର ସାମ୍ବିଧାନିକ କ୍ଷମତା ପାଇଛନ୍ତି ।୧୯୫୦ ମସିହା ଜାନୁଆରି ୨୫ ତାରିଖ ଦିନ ଆୟୋଗ କାର୍ଯ୍ୟକ୍ଷମ ହେଲା । ସୁକୁମାର ସେନ ପ୍ରଥମ କମିଶନ ରୂପେ ନିଯୁକ୍ତ ହେଲେ । ସୁସିଳ ଚନ୍ଦ୍ର ବର୍ତ୍ତମାନ ମୁଖ୍ୟ କମିଶନ ଅଛନ୍ତି । ଭାରତରେ ହେଉଥିବା ସମସ୍ତ ନିର୍ବାଚନ ଯଥା ପ୍ରେସିଡେଞ୍ଚ,ଭାଇସ ପ୍ରେସିଡେଞ୍ଚ, ଲୋକ ସଭା, ରାଜ୍ୟ ବିଧାନ ସଭା ର ନିର୍ବାଚନ କିପରି ନିରପେକ୍ଷ ଓ ଶାନ୍ତିପ୍ରର୍ଣ୍ଣ ଭାବରେ ସମାହିତ ହେବ ତା ଉପରେ ଦୃଷ୍ଟି ଦେବା କମିଶନର ଦାୟିତ୍ୱ । ନିର୍ବାଚନର ଭୋଟର ଲିଷ୍ଟ ତିଆରି କରିବା, ନିର୍ବାଚନର ଆଚରଣ ବିଧି ସଂହିତା ପ୍ରଣୟନ, ନିର୍ବାଚନ ମଣ୍ଡଳୀ ସିମା ନିର୍ଦ୍ଧାରଣ, ସଂରକ୍ଷଣ ବ୍ୟବସ୍ଥା, ବୁଥ ନିର୍ବାଚନ,ପୋଲିଙ୍ଗ କର୍ମଚାରୀ ଚୟନ,ସମସ୍ତ ନିର୍ବାଚନ ସଂପର୍କୀୟ ବିବାଦର ସମାଧାନ, ରାଜନୀତିକ ଦଳ ମାନଙ୍କର ରେଜିଷ୍ଟ୍ରେସନ, ଚିହ୍ନ ପ୍ରଦାନ,ଆୟବ୍ୟୟ ହିସାବ, ନିର୍ବାଚନ ବେଳେ ଖର୍ଚ୍ଚର ଅଡିଟ ସବୁ କମିଶନଙ୍କ କ୍ଷମତା ପରିସର ଭୁକ୍ତ ଅଟେ । କମିଶନ ସୁପ୍ରିମ କୋର୍ଟ ଜଜଙ୍କ ସହ ସମାନ ଦରମା ପାଇବେ। ମୁଖ୍ୟ କମିଶନ ପାର୍ଲିଆମେଞ୍ଚ ରେ ଉଭୟ ସଭାର ଦୁଇ ତୃତୀୟାଂଶ ମତରେ କର୍ମଚ୍ୟୁତ ହେବାର ବିଧି ଅଛି । ଅନ୍ୟ ସଭ୍ୟମାନେ ମୁଖ୍ୟ କମିଶନଙ୍କ ସୁପାରିଶରେ ପ୍ରେସିଡେଞ୍ଚଙ୍କ



ଡାଃ ସୁରେନ୍ଦ୍ର ନାଥ ଦାଶ

ଆଦେଶରେ ବହିଷ୍କୃତ ହୋଇପାରିବେ । ୧.୧.୯୦ ମସିହାରୁ ଏହାକୁ ଏକ ତିନି ଜଣିଆ କମିଶନ ରେ ପରିଣତ କରାଗଲା । ମୁଖ୍ୟ କମିଶନର ଙ୍କ ଅଧିନରେ ଦୁଇଜଣ ସଭ୍ୟ ରହିଲେ ।୧୯୭୧ ରୁ କୋର୍ଡ ଅଫ କଣ୍ଡକ୍ଟ କୁ ଲ କମିଶନ ପ୍ରଣୟନ କଲେ । ୧୯୮୯ ମସିହାରୁ ସମସ୍ତ ରାଜନୈତିକ ଦଳ ନିଜର ଆଭିମୁଖ୍ୟ ଓ ସମ୍ବିଧାନ ପ୍ରତି ଆନୁଗତ୍ୟ ଘୋଷଣା କରି ରେଜିଷ୍ଟ୍ରେସନ କରିବା ବାଧ୍ୟତା ମୂଳକ କରାଗଲା । ଭୋଟର ମାନଙ୍କ ସୁବିଧା ପାଇଁ କମିଶନ ଭୋଟର ପରିଚୟ ପତ୍ର ପ୍ରଚଳନ କରିଛନ୍ତି । ଅର୍ଥ ର ପ୍ରାଦୃଭାବ ବଢିବାରୁ ଖର୍ଚ ଅଡିଟ ପାଇଁ ଅବଜରଭର ନିଯୁକ୍ତି କରିଛନ୍ତି । ରାଜ୍ୟ ପାଇଁ ତାଙ୍କ ଅଧିନରେ ପ୍ରିନସ ପାଲ ସେକ୍ରେଟେରୀ ପାହ୍ୟାର ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରତି ରାଜ୍ୟ ପାଇଁ ନିଯୁକ୍ତି ପାଇଛନ୍ତି । ଜିଲ୍ଲାସ୍ତରରେ ଜିଲ୍ଲା ମାଜିଷ୍ଟ୍ରେଟ ନିର୍ବାଚନ ଅଧିକାରୀ ଅଟନ୍ତି । ନିର୍ବାଚନ ପରେ ଭୋଟ ବାକ୍ସ ର ସୁରକ୍ଷା,ଗଣତି ଓ ଫଳ ଘୋଷଣା କରି ବିଜୟ ସାର୍ଟିଫିକେଟ ଦେବା କମିଶନ ଙ୍କ ଦାୟିତ୍ୱ । କିଛିଦିନ ହେଲା ପରମ୍ପରା ବାଲଟପେପର ବଦଳରେ ଇଭିଏମ ମେସିନ ରେ ଇଲେକ୍ଟ୍ରୋନିକ ଭୋଟ ପ୍ରଦାନ ଅନୁସୃତ ହୋଇ ଆସୁଛି । ଭାରତ ଭଳି ବିଶାଳ ଦେଶ ରେ ସଫଳ ନିର୍ବାଚନ କରିବା ଏକ ଜଟିଳ ପ୍ରକ୍ରିୟା । ଏପର୍ଯ୍ୟନ୍ତ କମିଶନ ତାହା ସଫଳତାର ସହ ସଂପାଦନ କରି ପ୍ରଶଂସା ଭାଜନ ହୋଇଛନ୍ତି । ଦିନ କୁ ଦିନ ନିର୍ବାଚନ ଅଶାନ୍ତ ହୋଇ ପଡୁଛି । ପ୍ରତି ଦଳ ଏହାର ନିୟମକୁ ଭାଙ୍ଗି ବାକୁ ଚେଷ୍ଟା କରୁଛନ୍ତି । ଶାସକ ଦଳ ନିଜ ପ୍ରଭାବ ଦ୍ୱାରା ଶାସନ କଳକୁ ପ୍ରଭାବିତ କରୁଛନ୍ତି । ଫଳରେ ସେମାନେ କମିଶନଙ୍କ ଆଦେଶକୁ ନଶୁଣିଲା ଭଳି ରହୁଛନ୍ତି । ଅର୍ଥ, ମଦ ବାଣ୍ଟିବା, ବୁଥ ଅଧିକାର କରି ଜବରଦସ୍ତ ଭୋଟ ଦେବା, ହିଂସାକାଣ୍ଡ କରିବା ସବୁଦଳଙ୍କର ଅଭ୍ୟାସ ହେଲାଣି । ନିଜର ଚରିତ୍ର ନ ବଦଳିଲେ କମିଶନ ନିରପେକ୍ଷ ନିର୍ବାଚନ କରିବା ଅସମ୍ଭବ ହୋଇ ପଡିବ । କିଛି ବର୍ଷ ତଳେ ଟିଏନ ଶେଷାନ କମିଶନ ଥିଲାବେଳେ କଠୋର ନୀତି ଦ୍ୱାରା ସବୁ ରାଜନୈତିକ ଦଳଙ୍କ ଅବସ୍ଥା ସଙ୍ଗିନ କରିଥିଲେ । ତେଣୁ ନୀତି ହୀନ ରାଜନେତା ଙ୍କୁ କଠୋର ଭାବେ ବ୍ୟବହାର ନକଲେ ସେମାନେ ମୂଷା ଲୁହା ଖାଇଲା ଭଳି ଅବସ୍ଥା ସୃଷ୍ଟି କରିବେ । ବର୍ତ୍ତମାନ ଆମ ରାଜ୍ୟରେ ପ-ାୟତ ନିର୍ବାଚନ ଚାଲିଛି । ଚାରିଆଡେ ବିଶୃଂଖଳା ବୁଥ ଅଧିକାର,ବମ ମାଡ, ସାମ୍ବାଦିକ ଓ ପ୍ରର୍ଥୀଙ୍କ ଉପରେ ଆକ୍ରମଣ ବେଧଡକ ନୀତି ରେ ଚାଲିଛି । କମିଶନଙ୍କ କଥାକୁ କାନରେ ଶୁଣୁ ନାହାଁନ୍ତି । ଯେଉଁ ମାନେ ଆମକୁ ଶାସନ କରିବେ ସେମାନେ ଯଦି ଆଇନ ବର୍ହିଭୂତ କାର୍ଯ୍ୟ କରିବେ ତାହାଲେ ଖେତ ବାଡ ଖାଇଲା ଭଳି ହେବ ଓ ଗଣତନ୍ତ୍ର ଶାସନ ଭୁଷୁଡି ପଡିବ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮

# ଅରି ଫେରିନାହିଁ-ଯୁଦ୍ଧ ସରିନାହିଁ

**----------ହିମାଂଶୁଶେଖର ଆଚାର୍ଯ୍ୟ----------**

*"ଅରି ଫେରିନାହିଁ, ଯୁଦ୍ଧ ସରିନାହିଁ*
*ଆସ ମୋ ଶିବିରେ ଆସ ଭାଇ*
*ହିମାଚଳ ଶିରେ ଶବଦ ଶୁଭଇ*
*ଡରନାହିଁ ଆଉ ଡେରି ନାହିଁ ।"*



ଏହି କବିତାଂଶଟି ତାଙ୍କ କ୍ରାନ୍ତିକାରୀ ସାରସ୍ୱତ ସାଧନାର କଥା କହେ । ଏମିତି ରାଶିରାଶି ସଂଗ୍ରାମ କବିତା ଲେଖି ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରାଣରେ ଜଗାଇଥିଲେ ଦୃଢ ଆତ୍ମବଳ, ଆଉ ମୁକ୍ତି ଆନ୍ଦୋଳନରେ ଝାସ ଦେବାପାଇଁ ଭରି ଦେଇଥିଲେ ଅଫୁରନ୍ତ ଉତ୍ସାହ ଓ ଉଦ୍ଦୀପନା । ଖାଲି ସେତିକି ନୁହେଁ ଓଡିଶାରେ ବିପ୍ଳବୀ କବିତା ଲେଖି ତିନିଥର କାରାଦଣ୍ଡ ଭୋଗିବା କବିଙ୍କ ମଧ୍ୟରେ ସେ ଥିଲେ ଅଗ୍ରଗଣ୍ୟ । ସେ ହେଉଛନ୍ତି ଜାତୀୟ କବି ବୀରକିଶୋର ଦାସ ।

ବୀରକିଶୋରଙ୍କ ଜନ୍ମ ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ, ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ପୁନଙ୍ଗ ଗ୍ରାମରେ । ଗ୍ରାମ ଚାଟଶାଳୀରୁ ପ୍ରାଥମିକ ଶିକ୍ଷା ପରେ ସେ କଟକର ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇଥିଲେ । ସେଠାରେ ସୌଭାଗ୍ୟକୁ ସେ ସମୟର ଶିକ୍ଷାବିତ୍ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ବୀରକିଶୋର । ବଣିଆ ସୁନାକୁ ଚିହ୍ନିଲା ପରି ଭକ୍ତକବି ମଧୁସୂଦନ ବୀରକିଶୋରଙ୍କ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କରିପାରିଥିଲେ । ଦିନେ ସେ ବୀରକିଶୋରଙ୍କୁ ପାଖକୁ ଡାକି କହିଲେ-ବୀର, ତୁମେ ଦିନେ କବି ହେବ । ଏହି ପଦକ କଥା ବୀରକିଶୋରଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା, ତାଙ୍କୁ କବିତା ଲେଖିବାକୁ ଅନୁପ୍ରାଣିତ କରିଥିଲା ।ପ୍ରଥମେ ସେ ଗୋଟିଏ ଇଂରାଜୀ କବିତାକୁ ଓଡ଼ିଆରେ ଅନୁବାଦ କରିଥିଲେ । ଅନୁବାଦଟି ଥିଲା -"ଟୋପି ଟୋପି ପାଣି ମିଶି ସାଗର, ଟିକି ଟିକି ବାଲି ମିଶି ଭୂଧର ।"ଆଉ ତା' ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ ।

୧୯୨୧ ମସିହାରେ ମହାତ୍ମା ଗାନ୍ଧିଙ୍କ ଡାକରାରେ ଆରମ୍ଭ ହୋଇଥାଏ ଅସହଯୋଗ ଆନ୍ଦୋଳନ । ବୀରକିଶୋର ଇଂରେଜ ସରକାରଙ୍କ ଅଧୀନରେ କରିଥିବା ଚାକିରିକୁ ପଛରେ ପକାଇ ଏହି ସଂଗ୍ରାମରେ ଝାସ ଦେଲେ । ଏହି ସମୟରେ ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା ଅନେକ ସଂଗ୍ରାମୀ କବିତା, ଯାହା ଚରମ ତ୍ୟାଗ ମନୋଭାବ ସଂଗ୍ରାମୀମାନଙ୍କ ମନରେ ଭରିଦେବା ପାଇଁ ସେ ଲେଖିଥିଲେ-

*"ଭାଇ, ମରିବା ତ ଦିନେ ମରିବା*
*ଛେଳି ମେଣ୍ଢାପରି ପାଞ୍ଚଣକୁ ଡରି*
*(ଏଠି )ଘୁଷୁରି ପରି କେ ଚରିବା*
*ମରିବା ତ ଦିନେ ମରିବା ।"*

ତାଙ୍କ ରଚିତ କବିତା ପୁସ୍ତକ ମୋହନବଂଶୀ, ବିଦ୍ରୋହୀ ବୀଣା, ମୋହନ ବେଣୁ, ରଣଭେରୀ ଆଦି ପୁସ୍ତକ କେବଳ ସ୍ୱଦେଶ ପ୍ରେମର ବାର୍ତ୍ତା ପ୍ରଚାର କରିନଥିଲା ବରଂ ଆଜିବି ଆମ ମାତୃଭାଷାକୁ ଋଦ୍ଧିମନ୍ତ କରିଛି । ଚରମ ତ୍ୟାଗ ଓ କଷଣ ଭିତରେ ସେ ଏସବୁ ଜାତୀୟ କବିତା ରଚନା କରିଥିଲେ । ଯାହା ଫଳସ୍ୱରୂପ ସେ ହୋଇପାରିଥିଲେ ଏ ମାଟିର ଜାତୀୟ କବି । ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । କିନ୍ତୁ ସଂଗ୍ରାମୀ ବୀରକିଶୋରଙ୍କ ସଂଗ୍ରାମ ସରିଲା ନାହିଁ । କେବଳ ଦେଶ ଓ ଜାତିକୁ ଉଦ୍‌ବୋଧନ ଦେବା ପାଇଁ ସେ ଖାଲି କଲମ ଧରିନଥିଲେ । ସେ ମର୍ମେ ମର୍ମେ ଅନୁଭବ କରିପାରିଥିଲେ ଶିଶୁମାନେ ହିଁ ଏ ଦେଶର ଭବିଷ୍ୟତ । ଶିଶୁମାନଙ୍କ ପାଇଁ ତାଙ୍କ ଲେଖନୀରୁ ସୃଷ୍ଟି ହୋଇଥିଲା-

*"ଆମେ ନବଯୁବା ନବ ତରୁଣ,*
*ଆମେ ନବୋଦିତ ଦେବ*
*ଅରୁଣ/ଏ ବିଶ୍ୱ ଅନ୍ଧାର ବିନାଶିବା*
*ଲାଗି ଆମ ଜନ୍ମ ଆମ ମରଣ ।"*

ସେହିପରି ଶିଶୁମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଭ୍ରାତୃତ୍ୱଭାବ ଜାଗ୍ରତ କରିବା ପାଇଁ ସେ ଅନେକ ଦେଶାତ୍ମବୋଧ କବିତା ଲେଖିଥିଲେ । ଓଡିଶାର ଶିଶୁ ଯେତେବେଳେ ପତ୍ରିକା ଖଣ୍ଡେ ଦେଖିବାର ସୁଯୋଗ ପାଉ ନ ଥିଲେ ଠିକ୍ ସେତିକିବେଳେ ବୀରକିଶୋର ତା ହାତରେ ଧରାଇଦେଲେ "ମୋ ଦେଶ ଶିଶୁ ପତ୍ରିକା" । ଏ ପତ୍ରିକା ମାଧ୍ୟମରେ ସେ କେବଳ ଯେ ଶିଶୁ ସାହିତ୍ୟ ସୃଷ୍ଟି କଲେ ତାହା ନୁହେଁ, ଅନେକ ଶିଶୁ ସାହିତ୍ୟ ସ୍ରଷ୍ଟାଙ୍କୁ ସେ ମଧ ସୃଷ୍ଟି କରିଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ଦ୍ୱାରା ପ୍ରକାଶ ପାଉଥିବା ଶିଶୁଲେଖା ପତ୍ରିକା ମଧ ତାଙ୍କ ସାଧନାର ଫଳଶ୍ରୁତି ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । କ୍ଷମତା ଓ ଅର୍ଥପ୍ରତି ବୀରକିଶୋରଙ୍କର ସାମାନ୍ୟତମ ଦୁର୍ବଳତା ନଥିଲା । ପରାଧୀନ ଭାରତରେ ସେ ଗାଇଥିଲେ-*"ଦିନ ରାତି ମୋର ସେହି ଚିନ୍ତା...ସରକାର ଶବ ଦାହ ହେବ କେବେ ଦେଖିବି ମୁଁ ତାର ଶେଷ ଚିତା ।"* ସ୍ୱାଧୀନତା ପରେ କିନ୍ତୁ ତାଙ୍କ ଚିନ୍ତା ଆହୁରି ଅଧିକ ବଢିଯାଇଥିଲା । ସେହି ଚିନ୍ତା ଥିଲା ଗାନ୍ଧିଜିଙ୍କ କଳ୍ପିତ ସୁନାର ଭାରତ ଚିନ୍ତା । ସ୍ୱାଧୀନତା ପରେ ସେ ନିରାଶ ହୋଇ ପଡିଥିଲେ ଦେଶର ଚିତ୍ର ଦେଖି । ସେଥିପାଇଁ ସେ ଲେଖିଥିଲେ-

*"କାମିନୀ କାଞ୍ଚନ କାଦମ୍ବରୀ*
*ଶାସନ କଳକୁ ଦେଲା ସାରି ।"*



ସ୍ୱାଧୀନତା ପ୍ରାପ୍ତି ପରେ ବି ବୀରକିଶୋର ଲେଖନୀଚାଳନାରୁ ବିରତ ହୋଇ ନ ଥିଲେ । ସ୍ୱାଧୀନତା ସଂଗ୍ରାମର ଦୀର୍ଘ ଅନୁଭୂତି ସାଙ୍ଗକୁ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ସ୍ୱପ୍ନର ରାମ ରାଜ୍ୟକୁ ସାର୍ଥକ ଓ ସଫଳ ରୂପାୟନ ଦେବାପାଇଁ ଏକାନ୍ତ ଭାବେ ବିଳାପ କରିବାକୁ ଯାଇ ସେ ଲେଖିଥିଲେ- *"ଯାହା ଲେଖିବାର ଲେଖିସାରିଛି ମୁଁ ଆଉ ପାରୁନି କିଛି ଲେଖି/ ଦେଖିବାର ଯାହା ଦେଖିସାରିଛି ମୁଁ ଆଉ ପାରୁନି କିଛି ଦେଖି ।"* ଏଥିରୁ ସ୍ପଷ୍ଟ ଅନୁମେୟ, ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଗାନ୍ଧିଜୀଙ୍କ ଆଦର୍ଶର ବିଲୋପରେ ସେ ମର୍ମାହତ ହୋଇଥିଲେ । କଟକ ସଦର ସ୍ଥାନୀୟ ବୋର୍ଡର ସଭାପତି ଭାବେ ଓ ବିଧାନସଭାର ସଭ୍ୟ ଭବେ ବହୁ ଜନହିତକର କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ସମାଜସେବୀ ଭାବେ ପ୍ରତିଷ୍ଠିତ କରିପାରିଥିଲେ ।

ଓଡିଶାର ପାଣି ପବନରେ ଗଢା ଏହି ସଂଗ୍ରାମୀ ସାଧକଙ୍କ ରଚନା ଜାତୀୟ ଚେତନାକୁ ଋଦ୍ଧିମନ୍ତ କରିଯାଇଛି । ସେ ଆଜି ଆମ ଗହଣରେ ନାହାଁନ୍ତି । ୧୯୭୩ ମସିହା ଏପ୍ରିଲ ୨୮ ତାରିଖରେ ତାଙ୍କର ଦେହାବସାନ ଘଟିଛି । ହେଲେ ତାଙ୍କ ଅମର ରଚନା ଏବେବି କାଳଜୟୀ ହୋଇରହିଛି । ଆଜି ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଏହି ଜାତିସ୍ମରଙ୍କ କାଳଜୟୀ ରଚନାବଳୀ ଆମ ପାଇଁ ପ୍ରେରଣାର ବାର୍ତ୍ତା ହେଉ, ଏହାହିଁ ଆଜିର ଅନୁଚିନ୍ତା ।

-ଜଗତସିଂହପୁର, ମୋ-୯୩୩୭୨୨୧୯୨୪

# ଭିକାରି, ଚୋର ଓ ଠକ କଥା !

**▪▪▪▪▪▪▪▪▪▪▪▪▪ବ୍ରହ୍ମଚାରୀ ସତ୍ୟଚୈତନ୍ୟ▪▪▪▪▪▪▪▪▪▪▪▪**

ସମସ୍ତେ ପେଟପାଟଣାର ବୋଝକୁ ବୋହୁଛୁ । କିଏ ପରିସ୍ଥିତିର ଚାପରେ ହେଉ ବା ମନଇଚ୍ଛାରେ ହେଉ ପେଟପୋଷିବାର ବାଟ ବାଛିଛୁ । ଭିକାରିର ବୃତ୍ତି ଭିକମାଗିବା । ଚୋରର ପ୍ରବୃତ୍ତି ଚୋରିକରିବା । ଠକର ମାନସିକତା ଆମ ଆଖିରେ ଆଙ୍ଗୁଠି ଗେଞ୍ଜି ଆମକୁ ଲୁଟ୍ କରିବା । ଭିକାରିଟିଏ ହାତ ପତାଏ । ଚୋର ଛଡ଼େଇ ନିଏ । ଠକକୁ ଆମେ ନିଜେ ଯାଚିକରି ଦେଉ । ଭିକାରିକୁ ନଦେଲେ ଫେରିଯାଏ ସିନା, କିଛି କରିପାରେନି ଆମର । ଚୋର ଛଡ଼େଇ ନିଏ । ଆଘାତ ଦିଏ । ଠକକୁ ଆମେ ଯାଚିକରି ଦେଉ । ନନେଲେ ବାଧ୍ୟକରି ଦେଉ । ଶେଷରେ ଆମ ଜୀବନକୁ ସେ ନିଏ । ଅନେକ ଭିକାରିକୁ ଘୃଣା କରନ୍ତି । ଗାଳି ବି ଦିଅନ୍ତି । ଭିକ ମାଗିଲା ବେଳେ ଦେବାକୁ ପଡ଼ିବ ବୋଲି ଲୋକେ ତା' ଆଡ଼କୁ ଚାହାନ୍ତିନି । ଆମର ସବୁ ବ୍ୟବହାର ତା' ଗଳାର ହାର । ଖରା, ବର୍ଷା, ଶୀତ ସବୁକୁ ଏକାକାର କରି ଭିକାରି ଜୀଇଁ ଶିଖିଛି । ଚୋରକୁ ଆମେ ଭୟକରୁ । ସତର୍କ ରହୁ । ହାବୁଡ଼ ଖାଇଲେ ପ୍ରତିବାଦ ବି କରିପାରୁନା । ମଣିଷର କୌଣସି ପରିସ୍ଥିତିକୁ ଚୋର ବିଚାର କରେନା । ଛଡ଼େଇ ନିଏ । ଠକ ବି ସେମିତି । ମଣିଷର ମେଡ଼ିକାଲ୍ କେସ୍ ହେଉ କି ମୃତ୍ୟୁ ଅବସ୍ଥା ହେଉ, ଦୁଃଖ ଦାରିଦ୍ର୍ୟକୁ ସେ ନଜର କରେନା । ମିଠା କଥାକହେ । ଠକିଚାଲେ ।

ଭିକାରି ପାଇଁ ରାସ୍ତାକଡ଼ ରାଜଉଆସ । ଲୋକଗହଳିରେ ସେ ଜୀବନକୁ ବାଜିଲଗାଏ । ନାନାଦି କଳା କୌଶଳ ଦେଖାଏ । ତା'ପରେ ହାତ ପତାଏ । ଭିକାରିର କରୁଣ ଚାହାଣି ଓ କାହାଣୀ ଯୋଗୁଁ ସେ କରୁଣାର ପାତ୍ର ହେଇଯାଏ । ଭିକ୍ଷା ପାଏ । ଚୋର ଲୁଟ୍ କରିବାର କଳାରେ ନିପୁଣ । ଆଖି ଦେଖାଏ । ଧନ ଛଡ଼େଇ ନିଏ । କିନ୍ତୁ ଠକ ଘରଭିତରକୁ ଆସେ । ଖୁସି ଗପକରେ । ଲୁଟିଚାଲେ । ଭିକାରୀକୁ ଭିକ ଦେଇ କେତେଜଣ ଗର୍ବରେ ଫାଟି ପଡ଼ନ୍ତି । ବୁଝିବାକୁ ହେବ ଆମକୁ ଦାନୀ ସଜେଇଛି



ଏଇ ଭିକାରି । ଦୟାର୍ଦ୍ର ହୃଦୟର ମଣିଷଟିଏ କିଛି ନଦେଇ ପାରିଲେ ସମବେଦନା ଜଣାନ୍ତି । ଚୋର ଆମକୁ ଧନୀ ଭାବି ଚୋରିକରେ । ଠକ ଚାହେଁ ଆମରି ଧନରେ ସେ ବଡ଼ ହେବ । ଭିକାରିଟିଏ ଦାତାର ମଙ୍ଗଳ କାମନା କରେ । ଯଶ ଗାଏ । ଚୋର ଗାଳିଦିଏ । ଠକ ଆମ ସାମନାରେ ମିଠା କଥା କହେ । ପଛରେ ନିନ୍ଦାକରେ । ଭିକାରିର ଭିକ୍ଷାପାତ୍ରରେ କିଛି ଟଙ୍କା ପାଏ । ହେଲେ ତା' ଜୀବନ ପାତ୍ରରେ ଭରିଛି ଅନେକଙ୍କ ଘୃଣା ଓ କଟୁମନ୍ତବ୍ୟ । ସବୁକୁ ଲୁହରେ ଧୋଇଦିଏ । ନିନ୍ଦାକୁ ବିଭୂତି ଜ୍ଞାନକରେ । ସେ ଆମର କ୍ଷତି କରେନା । ଚୋରକୁ ଆମେ ଗାଳିଦେଉ । ଠକ ଯେତେ ପାଇଲେ ବି ଅସନ୍ତୁଷ୍ଟ; କିନ୍ତୁ ଆମେ ତାକୁ ନିନ୍ଦା କରିପାରୁନା ।

ଭିକାରି ଜନଗହଳିରେ ମାଗନ୍ତି । ଦୁଇଟଙ୍କା ଦେବାର ଥିଲେ ତାକୁ ପାଞ୍ଚଟଙ୍କାଟିଏ ଦେଇ ତିନିଟଙ୍କା ଆଣିପାରନ୍ତି । ମାତ୍ର ଚୋରମାନେ ଘରୁ, ଜନଗହଳିରୁ ବା ନିରୋଳା ରାସ୍ତାରୁ ଚୋରିକରନ୍ତି । ଏମାନେ ନେଲାବେଳେ ଆପଣ ପ୍ରତିବାଦ କରିପାରନ୍ତିନି; ବରଂ ତାକୁ ଜୀବନ ଭିକ୍ଷାକରନ୍ତି । ବେଳେବେଳେ ଚୋର ଧରାପଡ଼େ । ମାତ୍ର ଆପଣଙ୍କ ଜିନିଷ ପାଇବାର ସମ୍ଭାବନା କମ୍ ଥାଏ; କିନ୍ତୁ ଠକଠାରୁ ଧନ ମିଳିବା ଅସମ୍ଭବ । ଭିକାରିକୁ ଦାନ ଦେଇ ଆପଣ ଆନନ୍ଦ ପାଆନ୍ତି; କିନ୍ତୁ ପାଖରୁ କିଛି ଚୋରିଗଲେ ମନଦୁଃଖ ହୁଏ । ଚୋରକୁ କେବଳ ଗାଳିଦିଅନ୍ତି । ଠକ ଯାହା କଲେ ବି ନିରବ ରହନ୍ତି । ସେ ଅବସ୍ଥା-ଅଜାଗା ଘା'ଭଳି । ସାରା ଜୀବନ ମୁହଁ ଲୁଚେଇ କାନ୍ଦିବାକୁ ହୁଏ । ଭିକାରି ଦାନ ପାଇଲେ ଚାରିଆଡ଼େ ତୁମର ପ୍ରଶଂସା କରେ । ଚୋର ନିରବ ରହେ । ଠକ ତୁମର ନିନ୍ଦା ଗାଇବୁଲୁଥାଏ । ଭିକାରିଟିଏ ନିରୀହ । ସେ ଟଙ୍କାଏ ପାଇଲେ ଭଗବାନଙ୍କୁ ପ୍ରାର୍ଥନାକରେ-'ପ୍ରଭୁ ଦାତାଙ୍କର ମଙ୍ଗଳ କର' । ଲୁଟ୍ କଳାପରେ ଚୋରର ଦେଣନେଣ ନଥାଏ । ଠକ ଭାବେ କାଙ୍ଗାଳ ହେଇଯାଉ । ଭିକାରି, ଚୋର ଓ ଠକ-ଏ ତିନିଜଣଙ୍କର ନିଜର ପେଟ ପାଟଣା ଅଛି । ଭିକାରିଟିଏ କେବଳ ପେଟ ପାଇଁ ଖଟେ । ଚୋର ପେଟ ଓ ପରିବାର ପାଇଁ ଖଟେ । ମାତ୍ର ଠକଟିଏ ତା'ର ଚଉଦ ପୁରୁଷ ପାଇଁ ସଞ୍ଚୟ କରେ । ଅକର୍ମଣ୍ୟ ଜୀବନ ପାଇଁ ଭିକ୍ଷା ଏକ ବୃତ୍ତି । କିନ୍ତୁ ଚୋରି ଓ ଠକିବା ଏ ଦୁଇଟି କାମ ନକଲେ ମଣିଷ ଅନ୍ୟ ଉପାୟରେ ବି ଚଳିପାରେ । ମାତ୍ର ଏ ମାନସିକତା ବଦଳିଲେ ହେଲା ।

ଭିକାରିଟିଏ ମରି-ହଜି ଗଲେ ତା'ପାଇଁ କାହା ଆଖିରୁ କାହିଁକି ଲୁହ ଟୋପାଏ ବୋହିବ? ବରଂ କହନ୍ତି- 'ଭଲ ହେଲା ଦେଶରୁ ଦାରିଦ୍ର୍ୟର ବିନ୍ଦୁଟିଏ ଲିଭିଗଲା ।' ଚୋରଟିଏ ମରିଗଲେ ଲୋକେ କହନ୍ତି- 'ଯା ହେଉ ମଲା, ଭଲ ହେଲା ।' ଠକଟିଏ ମରିଗଲେ, ଲୋକେ ତା' ପାଇଁ ଶୋକସଭା କରନ୍ତି । ଯେତେ ନିନ୍ଦିତ କାମ କରିଥିଲେ ବି ପ୍ରଶଂସା ଗାନକରନ୍ତି । ତା' ନାଁରେ ଅନୁଷ୍ଠାନ କରନ୍ତି । ତା'ର ପ୍ରତିମୂର୍ତ୍ତି ଥାପନ୍ତି । ଥରୁଟିଏ ଦରଦୀ ଅଖିରେ ଭିକାରି ମୁହଁର ରେଖାକୁ ପଢ଼ ! ନିଜର ପରିଚୟ ସହଜରେ ମିଳିଯିବ । ଭିକାରି ପେଟପୂରା ଖାଇବା ଆଉ ଶାନ୍ତିରେ ରହିବାକୁ ଭିକମାଗେ । ଚୋର ମୁହଁରେ କେବଳ ନିଷ୍ଠୁରତାର ଚିହ୍ନ । ପେଟପୂରା ଖାଇବା ଆଉ କିଛି ଦିନ ଖୁସି କରିବା ଆଶାରେ ସେ ବଞ୍ଚେ । ଠକଟିଏ ସାରା ଜୀବନ ଲୁଟ୍ କରିବାରେ ଆନନ୍ଦ ପାଏ । ଠକାମୀ ଧନକୁ ଠୁଳ କରିବା ପାଇଁ ପ୍ରସ୍ତୁତ ଥାଏ । ଭିକାରିକୁ ବେଶପୋଷାକରୁ ସହଜରେ ଠଉରେଇ ହବ । ଚୋର ଓ ଠକକୁ ଜାଣିବା କଷ୍ଟ । ଠକ ସବୁ ବେଶ ନେଇପାରେ । କେବେ ଭିକାରି ସାଜି ସ୍ତ୍ରୀ ବେମାର କଥା ତ' କେବେ ଘରପୋଡ଼ି କଥା । କେବେ ଉପାସର କାହାଣୀ ତ' କେବେ ପିଲାର ପାଠପଢ଼ାର କରୁଣ ବାଣୀ । କେବେ ପୁଲିସ୍, ଡାକ୍ତର, ବାବାଜୀ ଇତ୍ୟାଦି ପୋଷାକରେ ତ' କେବେ ନେତା-ମନ୍ତ୍ରୀଙ୍କ ବେଶରେ ଠକ ଆସେ । ଜିନିଷ କିଣା-ବିକା କରନ୍ତୁ ବା ପିଲାଙ୍କୁ ପାଠ ପଢ଼ାନ୍ତୁ । ଘର ତିଆରି କରାନ୍ତୁ ବା ବନ୍ଧୁବାନ୍ଧବ ଗଢ଼ନ୍ତୁ । କିଏ ପୁରସ୍କାର ଦେବାର ଆଶାରେ ଠକୁଛି ତ' କିଏ ପଦପଦବୀ କ୍ଷମତାରେ ଠକୁଛି । ଠିକ୍‌ରେ ନିଜ ଦାୟିତ୍ୱ ତୁଲାଇପାରୁନଥିବା ଲୋକ ହିଁ ଠକ । ଏ ତିନି ବୃତ୍ତି ସମାଜ ଆଖିରେ ଘୃଣ୍ୟ । ଆମ ସମାଜରେ ଭିକାରି ଓ ଚୋରଙ୍କଠାରୁ ଠକଙ୍କ ସଂଖ୍ୟା ବେଶି । ଠକଙ୍କ ପାଇଁ ଦେଶର ପ୍ରଗତିରେ ବାଧା ଉପୁଜେ । ହେଲେ ଦୁର୍ଭାଗ୍ୟର କଥା, ଅଧିକାଂଶ ଠକଙ୍କ ପାଦ ଚାଟିବାରେ ଆମ ଦିନ ଯାଉଛି ।




# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ନ ଫେରିବା ଯାଏଁ ଆନ୍ଦୋଳନ ଚାଲୁ ରହିବ : ଛାତ୍ର କଂଗ୍ରେସ

## ଚାଟାର୍ଡଆକାଉଟାଂଟ ବିଜୟ ସାହୁଙ୍କ ବହିଷ୍କାର ଏବଂ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର (ପିଏନ)- ଆଜି ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟ ସଂଯୋଜକ ୟାସିର ନୱାଜଙ୍କ ନେତୃତ୍ୱରେ ୟେସ୍ ବ୍ୟାଙ୍କରେ ଜମା ହୋଇଥିବା ୫୪୫ କୋଟି ଟଙ୍କା ତୁରନ୍ତ ରାଜ୍ୟ ସରକାର ଫେରାଇ ଆଣିବା ଦାବିରେ ବିକ୍ଷୋଭ କରାଯାଇଥିଲା। ଶ୍ରୀ ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତାମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ୍ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଛନ୍ତି ଯେ ଓଡିଶା ଜନସାଧାରଣଙ୍କର ନବୀନ ସରକାରଙ୍କ ଉପରେ ଭରସା ନାହିଁ। କାରଣ ନବୀନ ସରକାର ସାଧାରଣ ଲୋକଙ୍କୁ ଚିଟ୍‌ଫଣ୍ଡ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଏପର୍ଯ୍ୟନ୍ତ ଚିଟ୍‌ଫଣ୍ଡ ଟଙ୍କା ଫେରାଇବା ତ ଦୂରର କଥା ଗତ ୪ ତାରିଖ ଦିନ ଏଥିପାଇଁ ହୋଇଥିବା କମିଶନଙ୍କ କାର୍ଯ୍ୟକାଳକୁ ବନ୍ଦ କରି ଦେଇଛନ୍ତି। ତେଣୁ ଯେ ପର୍ଯ୍ୟନ୍ତ ଟଙ୍କା ଫେରି ନଆସିଛି ସେ ପର୍ଯ୍ୟନ୍ତ ଓଡିଶାବାସୀ ଆଶ୍ୱସ୍ତ ହେବେ ନାହିଁ। ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି ଯେ ସରକାର ଜାଣିଶୁଣି ଏକ ଘରୋଇ ବ୍ୟାଙ୍କରେ




କ'ଣ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ରଖିଥିଲେ। ତିରୁପତି ମନ୍ଦିର ଟ୍ରଷ୍ଟ ୟେସ୍ ବ୍ୟାଙ୍କ ଦେବାଳିଆ ହୋଇଯାଉଥିବା ଜାଣି ୧୩୦୦ କୋଟି ଟଙ୍କା ଉଠାଇ ନେଇଥିବା ବେଳେ ଓଡିଶା ସରକାର ଚୁପ୍ ରହିଲେ କାହିଁକି ? ଏହି ବ୍ୟାଙ୍କରେ ଟଙ୍କା ରଖିବା ପାଇଁ ପିସି କାରବାର ହୋଇଛି ବୋଲି ଶ୍ରୀ ନୱାଜ କହିଛନ୍ତି। ଚାଟାର୍ଡ ଆକାଉଟାଂଟ ତଥା ଶ୍ରୀମନ୍ଦିର ଅର୍ଥ ସବ୍‌କମିଟିର ମୁଖ୍ୟ ବିଜୟ କୁମାର ସାହୁ ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଟଙ୍କାର କମିଶନରେ ମଉଜ କରିଛନ୍ତି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି। ଶ୍ରୀ ସାହୁ ଜଣେ ଶିକ୍ଷା ବ୍ୟବସାୟୀ। ସେ ସାଧାରଣତଃ ଆଉ ଚାଟାର୍ଡ ଆକାଉଟାଂଟ ଭାବେ କାର୍ଯ୍ୟ କରୁନାହାନ୍ତି। ଏଭଳି ଜଣେ ବ୍ୟକ୍ତିଙ୍କୁ ଅର୍ଥ ସବ୍‌କମିଟିର ମୁଖ୍ୟ ଭାବେ କାହିଁକି ନିଯୁକ୍ତି ଦିଆଯାଇଛି। ତାଙ୍କ ପରାମର୍ଶକ୍ରମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅର୍ଥ ଆଜି ବୁଡି ଯିବା ପରିସ୍ଥିତିକୁ ଯାଇଥିବାରୁ ସେଥିପାଇଁ ଶ୍ରୀ ସାହୁ ଦାୟୀ। ଏଣୁ ଶ୍ରୀ ସାହୁଙ୍କୁ ତୁରନ୍ତ ଶ୍ରୀମନ୍ଦିର ଅର୍ଥ ସବ୍‌କମିଟିରୁ ବହିଷ୍କାର କରିବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ନୱାଜ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଫାଉଣ୍ଡେସନ କମିଟିର ଅଧକ୍ଷ ହୋଇଥିବାରୁ ଆଜିର ପରିସ୍ଥିତି ପାଇଁ ସେ ଦାୟୀ। ତିରୁପତି ମନ୍ଦିର ସଂସ୍ଥା ବ୍ୟାଙ୍କ ଦେବାଳିଆ ହେଉଥିବା ସଂପର୍କରେ ଜାଣି ପାରିଥିବା ବେଳେ ଆମ ମୁଖ୍ୟମନ୍ତ୍ରୀ କିପରି ଏ କଥା ଜାଣି ପାରିଲେ ନାହିଁ। ସୁତରାଂ ଶ୍ରୀ ବିଜୟ ସାହୁ ଯିଏକି ଅର୍ଥ ସବ୍‌କମିଟିର ମୁଖ୍ୟ ଅଛନ୍ତି କେଉଁ ପରିସ୍ଥିତିରେ ସେ ଏକ ଘରୋଇ ବ୍ୟାଙ୍କରେ ଶ୍ରୀମନ୍ଦିର ଟଙ୍କା ରଖିଲେ ତା'ର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଉଛି। ବିଜେଡ଼ି ଓ ବିଜେପି କାଦୁଅ ଫିଙ୍ଗାରେ ବ୍ୟସ୍ତ। ନବୀନ ସରକାର ଜଗନ୍ନାଥଙ୍କ ପାଣ୍ଠିକୁ ଦେବାଳିଆ ବ୍ୟାଙ୍କରେ ରଖିଥିବା ସ୍ଥଳେ ମୋଦି ସରକାର ଏସ୍ ବ୍ୟାଙ୍କଙ୍କୁ ଦେବାଳିଆ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ଶୁଭେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ର, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ଦୀପକ ମହାପାତ୍ର, ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି, ରଞ୍ଜିତ ପାତ୍ର, ମୋହନ ଜେନା, ଅଶୋକ ଦାସ, ରମାକାନ୍ତ ସାହୁ, କୈଳାସ ସାହୁ, ଦେବରାଜ ମିଶ୍ର, ସଂକୁନା କହଁର, ସରୋଜ ମହାନ୍ତି, ଶ୍ରୀୟା ମହାନ୍ତି, ସୁରଜ ରାଉତ, ବାଦଲ ମହାନ୍ତି, ମନୋଜ ସାହୁ, ଦେବବ୍ରତ ମହାନ୍ତି, ଲୁଲୁ ଏହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ପାରଳାଖେମୁଣ୍ଡି (ପିଏନ)- ସାରା ବିଶ୍ୱ ଏବେ କରୋନାର ମାୟା ଜାଲରେ କବଳିତ। ପ୍ରତି ମୁହୂର୍ତ୍ତରେ ଏଠି କରୋନା ପାଇଁ ଆତଙ୍କ। ଏପରିକି ଏହା ଭାରତରେ ବି ନିଜ କାୟା ବିସ୍ତାର କରିସାରିଲାଣି। ତେବେ ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମଧ ଲୋକ ମାନଙ୍କୁ ଅନେକ ସଚେତନତାର ବାର୍ତ୍ତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ସ୍ଥିତ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ କରୋନାକୁ ନେଇ ଆତଙ୍କିତ ନହେବା ପାଇଁ ପରାମର୍ଶ ଦେବା ସହ ଏକ ସଚେତନତା ରାଲି କରି ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲେ। ବିଭିନ୍ନ ପ୍ଲା କାର୍ଡ଼ ଓ ସ୍ଲୋଗାନ ମାଧ୍ୟମରେ କଲେଜର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକ ମାନଙ୍କୁ ସଚେତନ କରାଇବା ସହ ଏହା ପାଇଁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ମଧ ଦେଇଥିଲେ। କରୋନାର ଏକ୍ଷଣ ଦେଖାଗଲେ ତୁରନ୍ତ ଡ଼ାକ୍ତରଙ୍କୁ ପରାମର୍ଶ ନେବା ପାଇଁ ମଧ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବା ଯୋଜନାର ମୁଖ୍ୟ ଏନ ମୋହନ ସତ୍ୟାକର ରାଓ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଏହି ପଦକ୍ଷେପକୁ ବିଶ୍ୱବିଦ୍ୟାଳୟରେ ଭୂୟସୀ ପ୍ରଶଂସା କରାଯାଇଛି।

# ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଅଧିନିୟମ ସମ୍ପର୍କିତ ଦିନିକିଆ କର୍ମଶାଳା




ବାଲେଶ୍ୱର(ପିଏନ)- ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଅଧିନିୟମ-୨୦୧୨ ଏବଂ କିଶୋର ନ୍ୟାୟ( ଶିଶୁ ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୫ ସନ୍ଦର୍ଭରେ ଏକ ଦିନିକିଆ କର୍ମଶାଳା ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବାଲେଶ୍ୱର, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାକୁ ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଉଦଘାଟନ କରିଥିଲେ । ଶିଶୁମାନେ ଯେପରି କୌଣସି ପ୍ରକାର ଶୋଷଣର ଶିକାର ନ ହୁଅନ୍ତି ସେଥିପ୍ରତି ସମାଜ ଓ ପ୍ରଶାସନ ଯତ୍ନବାନ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ବିଶେଷତଃ ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ନିମନ୍ତେ ପ୍ରଣୀତ ଅଧିନିୟମର ଉପଯୁକ୍ତ କାର୍ଯ୍ୟକାରିତା ଲାଗି ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ଉପରେ ଉପଜିଲ୍ଲାପାଳ ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ବାନାର୍ଜୀ ପ୍ରସାଦ ଛୋଟରାୟ ଏଥିରେ ଯୋଗ ଦେଇ କୌଣସି ନିର୍ଯ୍ୟାତିତ ଶିଶୁ ଚିକିତ୍ସାଳୟକୁ ଆସିଲେ ତାର ଚିକିତ୍ସା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ । ଜିଲ୍ଲାର ସମସ୍ତ ପୋଲିସ ଥାନାର ମହିଳା ଓ ଶିଶୁ ଡେସ୍କର ଦାୟିତ୍ୱରେ ଥିବା ଅଧିକାରୀ-ଅଧିକାରିଣୀ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତା, ଚାଇଲ୍ଡ୍ ଲାଇନ୍‌ର ସଦସ୍ୟ ସଦସ୍ୟାମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶ୍ରୀ ଭାଗିରଥୀ ବାରିକ୍ ଅଧିନିୟମର ବିଭିନ୍ନ ଧାରା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଡିଏସପି ଶ୍ରୀ ସଂଗ୍ରାମ କେଶରୀ ବେହେରା ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଲାଗି ଆଇନରେ ରହିଥିବା ବିଭିନ୍ନ ପ୍ରାବଧାନ ଏବଂ ଦଣ୍ଡ ବ୍ୟବସ୍ଥା ସଂପର୍କରେ ଆଲୋକପାତ କରିଥିଲେ । ୧୮ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ଯେପରି କୌଣସି ପ୍ରକାର ବାହ୍ୟ ପ୍ରଭାବ ଭାରାକ୍ରାନ୍ତ ନ କରେ ଏବଂ ସେମାନେ ଯେପରି କୌଣସି ପ୍ରକାର ଶୋଷଣର ଶିକାର ନ ହୁଅନ୍ତି ସେଥିପ୍ରତି ସମାଜର ପ୍ରତ୍ୟେକ ସ୍ତରରେ କଡା ଆଭିମୁଖ୍ୟ ଗ୍ରହଣ କରିବା, ଏଥିପ୍ରତି ସଜାଗ ଦୃଷ୍ଟି ରଖିବା ଓ ଜନଜାଗରଣ ସୃଷ୍ଟି କରିବା ଉପରେ ଶିଶୁ ସୁରକ୍ଷା ବିଶେଷଜ୍ଞ ଶ୍ରୀ ଶତ୍ରୁଘ୍ନ ମଲ୍ଲିକ ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ଶ୍ରୀମତି ଗୌରିରାଣୀ ଉପାଧ୍ୟାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ତାଲିମ୍ ପ୍ରଦାନ, ତାଲିମର ରୂପରେଖ ପ୍ରସ୍ତୁତ, ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା, ମାର୍ଗଦର୍ଶିକା ପ୍ରସ୍ତୁତ ଭଳି କେତେକ ଉପାଦେୟ ତଥ୍ୟ ଉପରେ ଏହି କର୍ମଶାଳାରେ ବିଷଦ ଆଲୋଚନା କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସଂଯୁକ୍ତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଶିଶୁ ଯତ୍ନ ଓ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର କର୍ମକର୍ତାମାନେ ଏଥିରେ ଉପସ୍ଥିତ ଥିଲେ।

# ଡାଏନୋସର ଭଳି ବିଲୁପ୍ତ ନ ହେଉ ମାତୃଭାଷା

ଖୋର୍ଦ୍ଧା,(ପି.ଏନ): ମା'ର ଭାଷାକୁ କେବେ ମରିବାକୁ ଦେବା ନାହିଁ, ଡାଏନୋସର ଭଳି ବିଲୁପ୍ତ ହେବାକୁ ଦେବାନାହିଁ। ପିଲାଙ୍କୁ ମାତୃଭାଷା ପ୍ରତି ଆଗ୍ରହୀ କରାଇବା। 'ଆମରିସତ୍ୟ' ତରଫରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରରେ ଏହିଭଳି ଆହ୍ୱାନ ଦେଇଛନ୍ତି ସାହିତ୍ୟିକ, ଶିକ୍ଷାବିତ୍, ସାମ୍ବାଦିକ ତଥା ବୁଦ୍ଧୀଜୀବୀମାନେ। ଗୁଗୁଲ ମିଟ୍‌ରେ ଏକ ଆଲାଚେନାଚକ୍ର ସହ କବିତା ପାଠ ବିଭୂପ୍ରସାଦ ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଡ. ପ୍ରମୋଦ ଚନ୍ଦ୍ର ଦାଶ, ସମରେନ୍ଦ୍ର ବଳିଆରସିଂହ, ସମରଜିତ୍ ପଟ୍ଟନାୟକ, ଆଦିନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣୀଗ୍ରାହୀ, ଅନିତା ଦାସ, ଜବାହାରଲାଲ ସୁବୁଦ୍ଧି, ବାସନ୍ତି ଦେଇ, ରଶ୍ମୀତା ନାୟକ, କାଶୀନାଥ ଦାସ, କିଶୋର ପାଇକରାୟ, ଶ୍ୱେତ ବିଶ୍ୱାଳ, ପ୍ରାଧ୍ୟାପିକା ସୁଜାତା ମହାରଣା, ବୀଣାଦେବୀ ପ୍ରମୁଖ ଅଂଶଗ୍ରହଣ କରି କହିଥିଲେ ଯେ, ମାତୃଭାଷାର ବିକଳ୍ପ ନାହିଁ। କିନ୍ତୁ ବିଶ୍ୱରେ ପ୍ରାୟ ୬୫୦୦ କଥିତ ଭାଷାର ବ୍ୟବହାର ହେଉଛି। କିନ୍ତୁ ୧୨ଟି ମୁଖ୍ୟ ଭାଷାର ଗୁରୁତ୍ୱ ରହିଛି। ବିଶେଷ କରି ମାତୃଭାଷା

ଡାଏନୋସର ଭଳି ବିଲୁପ୍ତ ନ ହେଉ ମାତୃଭାଷା

ଖୋର୍ଦ୍ଧା,(ପି.ଏନ): ମା'ର ଭାଷାକୁ କେବେ ମରିବାକୁ ଦେବା ନାହିଁ, ଡାଏନୋସର ଭଳି ବିଲୁପ୍ତ ହେବାକୁ ଦେବାନାହିଁ। ପିଲାଙ୍କୁ ମାତୃଭାଷା ପ୍ରତି ଆଗ୍ରହୀ କରାଇବା। 'ଆମରିସତ୍ୟ' ତରଫରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରରେ ଏହିଭଳି ଆହ୍ୱାନ ଦେଇଛନ୍ତି ସାହିତ୍ୟିକ, ଶିକ୍ଷାବିତ୍, ସାମ୍ବାଦିକ ତଥା ବୁଦ୍ଧୀଜୀବୀମାନେ। ଗୁଗୁଲ ମିଟ୍‌ରେ ଏକ ଆଲାଚେନାଚକ୍ର ସହ କବିତା ପାଠ ବିଭୂପ୍ରସାଦ ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଡ. ପ୍ରମୋଦ ଚନ୍ଦ୍ର ଦାଶ, ସମରେନ୍ଦ୍ର ବଳିଆରସିଂହ, ସମରଜିତ୍ ପଟ୍ଟନାୟକ, ଆଦିନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣୀଗ୍ରାହୀ,

# କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ଲାଗି ଜିଲ୍ଲା ପ୍ରଶାସନର ତତ୍ପରତା

ବାଲେଶ୍ୱର(ପିଏନ)- କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ଠାରେ ଦ୍ୱିତୀୟ ଥର ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଆଂଚଳିକ ପରିବହନ ଅଧିକାରୀ, ପୌରାଂଚଳ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ଯୋଗ ଦେଇ କରୋନା ଭୂତାଣୁର ପ୍ରକୋପ ଏବଂ ତାହାର ପ୍ରତିକାର ସଂପର୍କରେ ଆଲୋଚନା କରିଥିଲେ । କରୋନା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଏଥି ପ୍ରତି କିପରି ସଜାଗ ରହିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ମୁଖ୍ୟମାନଙ୍କୁ କୁହାଯାଇଛି । କୌଣସି ପ୍ରକାର ଜର, ଥଣ୍ଡା, କାଶ, ଛିଙ୍କ ପ୍ରଭୃତିରେ ପୀଡିତ ରୋଗୀଙ୍କୁ ଚିକିତ୍ସାଳୟ ପଠାଇବା ସହିତ ଅନ୍ୟ ଦେଶରୁ ଯେଉଁ ଲୋକମାନେ ଆସୁଛନ୍ତି ତାହାର ସଠିକ ଖବର ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା, ୨୮ ଦିନ ପର୍ଯ୍ୟନ୍ତ ଘରେ ଏକୁଟିଆ ରହିବା ଏବଂ ମାସ୍କ ବ୍ୟବହାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । କରୋନାରେ ଆକ୍ରାନ୍ତ ବୋଲି ସନ୍ଦେହ କରାଯାଉଥିବା ରୋଗୀଙ୍କୁ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ପୃଥକ ଗୃହରେ ରଖାଯିବା ଓ ତାଙ୍କର ଚିକିତ୍ସା ପାଇଁ ସେବାକାରୀମାନଙ୍କୁ ନିୟୋଜିତ କରିବା ଲାଗି ଜିଲ୍ଲାପାଳ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି କରୋନା ସଂପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଲିଂଲେଟ, ପ୍ରାଚୀରପତ୍ର, ବ୍ୟାନର, ହୋର୍ଡିଂ ପ୍ରଭୃତି ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ : ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

କେନ୍ଦୁଝର, (ପିଏନ) : ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ତା ୧୩.୦୩.୨୦୨୦ରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନଫରେନ୍ସ ହଲ୍ ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଗ୍ରୀଷ୍ମପ୍ରବାହର ମୁକାବିଲା କରିବା ନିମନ୍ତେ ସମସ୍ତେ ଆନ୍ତରିକତାର ସହ ସଚେତନତା ସୃଷ୍ଟି କରିବା ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି କ୍ଷେତ୍ରରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀ/କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରିଂଟ୍ ମିଡିଆ ଓ ବୈଦୁତିକ ଗଣମାଧ୍ୟମ ଜରିଆରେ ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବହିତ ପଦକ୍ଷେପ ନେବାକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମଋତୁରେ ଯେମିତି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍ ଷ୍ଟାଣ୍ଡ, ସ୍କୁଲ୍ ଓ କଲେଜ୍ ତଥା ଜନଗହଳି ସ୍ଥାନମାନଙ୍କରେ ପାନୀୟ ଜଳ କେନ୍ଦ୍ର ସ୍ଥାପନ, ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଶ୍ରୀ ଠାକରେ ଗୁରୁତ୍ୱାରୋପ କରି ସଂପୃକ୍ତ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟଜଳ ସମସ୍ୟା ଥିବା ଶିକ୍ଷାନୁଷ୍ଠାନମାନଙ୍କରେ ପାନୀୟ ଜଳ ଯୋଗାଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନ ହାନି ନଘଟିବ ସେଥିପାଇଁ ସମସ୍ତେ ଦୃଢ ମାନସିକତା ରଖି କାର୍ଯ୍ୟ କରିବାକୁ କହିଥିଲେ । ଗ୍ରୀଷ୍ମପ୍ରବାହର ମୁକାବିଲା ଓ ପ୍ରସ୍ତୁତି ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳର ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଟାଣ ଖରାରେ କାମ



ନକରାଇବାକୁ ଏବଂ କାର୍ଯ୍ୟସ୍ଥଳରେ ଓଆର୍‌ଏସ୍ ପ୍ୟାକେଟ୍ ମହଜୁଦ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ପାଉଡର, ବରଫ, ଅଂଶୁଘାତର ପ୍ରତିକାର ପାଇଁ ଔଷଧପତ୍ର, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା, ଆମ୍ବୁଲାନ୍ସ୍ ବ୍ୟବସ୍ଥା ସହ ଜନସାଧାରଣଙ୍କୁ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବା ଏବଂ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ସି.ଡି.ଏମ୍.ଓ.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଡାକ୍ତରଖାନାମାନଙ୍କରେ ଅଂଶୁଘାତରେ ପୀଡିତ ରୋଗୀମାନଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଏବଂ ଜିଲ୍ଲା ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟମାନଙ୍କରେ କଂଟ୍ରୋଲ୍ ରୁମ୍ ଖୋଲାଯିବା ସହ ଗ୍ରୀଷ୍ମପ୍ରବାହର ମୁକାବିଲା ସଂପର୍କରେ ସଂପୃକ୍ତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀମାନଙ୍କୁ ଆବଶ୍ୟକୀୟ ତାଲିମ୍ ପ୍ରଦାନ କରାଯାଇଛି ବୋଲି ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରକାଶ କରିଥିଲେ । ଗ୍ରୀଷ୍ମପ୍ରବାହ ସମୟରେ ଯାତ୍ରୀବାହୀ ବସ ତଥା ଅନ୍ୟାନ୍ୟ ଯାତ୍ରୀବାହୀ ଗାଡିଗୁଡିକର ଚଳାଚଳ ନିୟନ୍ତ୍ରଣ କରିବା, ଗାଡିଗୁଡିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓ.ଆର୍.ଏସ୍. ପ୍ୟାକେଟ୍ ରଖିବା ଏବଂ ବସ୍ ରହଣୀ ସ୍ଥାନମାନଙ୍କରେ ବିଶ୍ରାମସ୍ଥଳୀ ଓ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ବସ୍ ଆସୋସିଏସନ୍ କର୍ତୃପକ୍ଷଙ୍କ ଜରିଆରେ ବିହିତ ପଦକ୍ଷେପ ନେବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ କଲେଜଗୁଡିକର ଶିକ୍ଷାଦାନର ସମୟ ନିର୍ଘଂଟ ନିର୍ଦ୍ଧାରଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଚଳ ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବା/ ନୂତନ ନଳକୂପ ଖନନ କରିବା ପାଇଁ ବିଡିଓ / ସଂପୃକ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଖିଲାପ୍ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ଚେତାବନୀ ଦେଇଛନ୍ତି। ଏତଦ୍‌ବ୍ୟତୀତ ପଶୁସମ୍ପଦ ପାଇଁ ପିଇବା ପାଣି, ଗ୍ରୀଷ୍ମପ୍ରବାହ ସମୟରେ କଣ କରିବା ଉଚିତ୍ ଓ କଣ ନକରିବା ଉଚିତ୍ ଏ ସଂପର୍କରେ ଜନସଚେତନତା ସୃଷ୍ଟି କରିବା, ଅଂଶୁଘାତଜନିତ ମୃତ୍ୟୁ ମାମଲାର ତୁରନ୍ତ ତଦନ୍ତ ଆଦି ପ୍ରସଙ୍ଗ ଉପରେ ବୈଠକରେ ବିଶଦଭାବେ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବା ଏବଂ ଲୋ-ଭଲଟେଜ୍ ସମସ୍ୟା ଦୂର କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ନେସ୍କୋର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଖୋଲା ଯିବାକୁ ଥିବା ଜଳଛତ୍ରମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଡିଓ ଓ ପୌରପାଳିକା ନିର୍ବାହୀ ଅଧିକାରୀମାନେ ସ୍କ୍ୱାର୍ଡ ଗଠନ କରି ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ଜଳଛତ୍ରମାନଙ୍କରୁ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷାଗାରରେ ଆବଶ୍ୟକୀୟ ପରୀକ୍ଷା କରାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଂରକ୍ଷିତ ଜଙ୍ଗଲ ଅଂଚଳରେ ପଶୁପକ୍ଷୀ ତଥା ବନ୍ୟ ପ୍ରାଣୀମାନଙ୍କ ପାଇଁ ପାଣି ବ୍ୟବସ୍ଥା ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ଋତୁରେ ଘରପୋଡି, ଜଙ୍ଗଲରେ ନିଆଁ ଲାଗିବାକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ଗ୍ରୀଷ୍ମ ଓ ବର୍ଷା ଋତୁରେ ସାପ କାମୁଡ଼ା ଆଶଙ୍କା ଥିବାରୁ ଏ ଦିଗରେ ସତର୍କତା ଅବଲମ୍ବନ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଡିଏଫଓ ସନ୍ତୋଷ ଯୋଶୀ, ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା ଘାସିନାଥ ମୁର୍ମୁ, ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରାତିମୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ କୀର୍ତନ ବିହାରୀ ଓଝା, ଏଡିଏମ୍‌ଓ(ଏଫ୍‌ଡବ୍ଲ୍ୟୁ) ଡାଃ ଦେବେନ୍ ଦାଶ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ, ଓସ୍‌ଡ୍‌ମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ପୌରନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ । ଏହି ବୈଠକରେ ପ୍ରାରମ୍ଭରେ ଡେପୁଟି କଲେକ୍ଟର ଏମରଜେନ୍‌ସି ସୁରଂଜିକା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରସ୍ତୁତି ବୈଠକର ଉଦ୍ଦେଶ୍ୟ ସଂପର୍କର ଆଲୋକପାତ କରି ଆଲୋଚନା ଆରମ୍ଭ କରିଥିଲେ ।




# ନାଟ୍ୟକାର, ସଂଗଠକ, କବି: ନନ୍ଦ ମଉସା

ବାପାଙ୍କ ଦେହାନ୍ତର ୧୪ ଦିନରେ, ଆମେ ରହୁଥିବା ସରକାରୀ କ୍ୱାର୍ଟରରେ ମହୋତ୍ସବ ପାଳନ ହେଉଥାଏ। ହରେକୃଷ୍ଣ ମହାମନ୍ତ୍ରରେ ଘରବାରି ପ୍ରତିଧ୍ୱନିତ ହେଉଥାଏ। ସହଯୋଗୀମାନଙ୍କ ମେଳରେ ନରସିଂହ ନନ୍ଦଙ୍କ ସୁଲଳିତ କଣ୍ଠରେ ଶ୍ରୀକୃଷ୍ଣଙ୍କ କୀର୍ତ୍ତନ ଶୁଣି ଆଖିରୁ ଲୁହ ଝରି ପଡୁଥାଏ। ନନ୍ଦ ମଉସା ଯେ କି, ମୋ ବାପାଙ୍କର ପରମ ବନ୍ଧୁ ଓ ଦିଗ୍‌ଦର୍ଶକ ଥିଲେ। ଯେକୌଣସି ବିଷୟରେ ଜାଣିବା ନିମନ୍ତେ ତଥା ବିପତ୍ତିରେ ମୋର ବାପା ନନ୍ଦ ମଉସାଙ୍କ ପରାମର୍ଶ ଲୋଡୁଥିଲେ।

ଆମେ ଦୁଇ ପରିବାର ପାଖାପାଖି ୪୦ବର୍ଷ ଧରି ନିକଟତର ହୋଇ ରହୁଥିଲୁ। ତାଙ୍କ ଘରକୁ ମୋର ଛୁଆବେଳୁ ଅବାଧ ପ୍ରବେଶ ଥିଲା। ତାଙ୍କ ଘରକୁ ଯାଇ ସେତେବେଳର ଜହ୍ନମାମୁ ଓ ଅନ୍ୟାନ୍ୟ ଗଳ୍ପପୁସ୍ତକ ପଢିବାରେ ମୋର ଘଣ୍ଟା ଘଣ୍ଟା ବିତୁଥିଲା। ଆମ ଘର ଭଳି ନନ୍ଦ ମଉସାଙ୍କ ଘର ଥିଲା ଆଧ୍ୟାତ୍ମିକ ପରିବେଶ ଭିତରେ। ଠାକୁର ପୂଜା ଓ ଈଶ୍ୱରଙ୍କ ଆରାଧନା ନନ୍ଦ ମଉସାଙ୍କ ଦୈନନ୍ଦିନ ଜୀବନରେ ପ୍ରମୁଖ ଭୂମିକା ନିଭାଉଥିଲା। ତାଙ୍କ ଭଳି ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ ସଦସ୍ୟାମାନେ ଥିଲେ ଅତ୍ୟନ୍ତ ମେଳାପୀ। ଯୁବ ବୟସରୁ କବିତା ଓ ନାଟକ ଲେଖିବା ଥିଲା ନରସିଂହ ନନ୍ଦଙ୍କର ଅନ୍ୟତମ ବିରଳ କୃତି। ସରକାରୀ ଚାକିରୀ ସହ ସେ ଜଣେ ସଂଗଠକ ଭାବରେ ମଧ୍ୟ ଅତ୍ୟନ୍ତ ପରିଚିତି ଲାଭ କରିଥିଲେ।

ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ତାଙ୍କ ଉଦ୍ୟମରେ ଗଢି ଉଠିଥିଲା ସାଂସ୍କୃତିକ ଅନୁଷ୍ଠାନମାନ। ତନ୍ମଧ୍ୟରୁ ଗୋଦାବରୀଶ ସାହିତ୍ୟ ସଂସଦ, ଶିଶୁ ସାଂସ୍କୃତିକ ପରିଷଦ ଥିଲା ଅନନ୍ୟ। ରାଜ୍ୟର ବଛା ବଛା ଲେଖକ ଓ କବିମାନଙ୍କୁ ନେଇ ସେ ଗଢିଥିଲେ ଗୋଦାବରୀଶ ସାହିତ୍ୟ ସଂସଦ। ସେହିପରି ଉଦ୍ୟମୀ ଯୁବଗୋଷ୍ଠୀ ଓ ସାଂସ୍କୃତିକ ଧାରାକୁ ନେଇ ଗଢାଯାଇଥିଲା ଶିଶୁ ସାଂସ୍କୃତିକ ପରିଷଦ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି ନନ୍ଦ ମଉସା ନିଜ ଜୀବନକୁ ସେଥିରେ ଉତ୍ସର୍ଗ କରିଥିଲେ।

ଯୁବଗୋଷ୍ଠୀ ମଧ୍ୟରେ ନାଟକ ଓ କାବ୍ୟକବିତାକୁ ଲୋକପ୍ରିୟ କରିବା ତଥା ପ୍ରଚାର, ପ୍ରସାର କରିବା ପାଇଁ ସେ ଗଢିଥିଲେ ଯୁବ ଲେଖକ ସମ୍ମିଳନୀ। ଯେଉଁଥିରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଯୁବ ଲେଖକମାନେ ସାମିଲ୍ ହୋଇ ନିଜର ପ୍ରତିଭା ପ୍ରତିପାଦିତ କରିପାରିଥିଲେ। ଓଡ଼ିଶାର ଗଣପର୍ବ ରଜପର୍ବରେ ତାଙ୍କ ସ୍ୱରଚିତ ନାଟକଗୁଡ଼ିକ ଶିଶୁ ସାଂସ୍କୃତିକ ପରିଷଦ ଦ୍ୱାରା ପରିବେଷଣ କରାଯାଉଥିଲା। ନୂଆ ନୂଆ ଯୁବପିଢି ଏହି ଲୋକପ୍ରିୟ ପୌରାଣିକ ନାଟକଗୁଡ଼ିକରେ ଅଂଶଗ୍ରହଣ କରୁଥିବା ବେଳେ ବିଭିନ୍ନ ବୟସର ନିର୍ଦ୍ଦେଶକମାନେ ଏଥିରେ ସାମିଲ ହେଉଥିଲେ। ତାଙ୍କ ରଚିତ ନାଟକଗୁଡ଼ିକ ଭିତରେ 'ଯଦୁପତି ଜଗନ୍ନାଥ' ଥିଲା ଅନ୍ୟତମ। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ନାଟକଟି ବେଶ୍ ଆଦୃତ ଲାଭ କରିଥିଲା।

ଓଡ଼ିଆଙ୍କ ବାରମାସରେ ତେରପର୍ବ ମଧ୍ୟରେ ଦୋଳମେଳନ ଅନ୍ୟତମ। ଏହି ଦୋଳ ଉତ୍ସବକୁ ସେ ରାଜଧାନୀ ଭୁବନେଶ୍ୱର ମଧ୍ୟରେ ଆୟୋଜନ କରାଇବାରେ ସଫଳ ହୋଇଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରି ସ୍ୱରଚିତ ସଙ୍ଗୀତ ଓ ଭଜନ ମାଧ୍ୟମରେ ଆଧ୍ୟାତ୍ମିକ ଜଗତରେ ସେ ବେଶ୍ ପରିଚିତ ଥିଲେ। ତାଙ୍କ କଣ୍ଠର ମାଧୁର୍ଯ୍ୟ ସମସ୍ତଙ୍କୁ ବିମୋହିତ କରୁଥିଲା। ଏବେ ବି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସଚ୍ଚିନନ୍ଦନ ସଂକୀର୍ତ୍ତନ ପରିଷଦ ତାଙ୍କର ଏହି ଭାବଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ଜୀବନକାଳ ମଧ୍ୟରେ ସେ ବହୁ ଯୁବକମାନଙ୍କୁ ପ୍ରେରଣା ଦେଇ ସେମାନଙ୍କୁ ନାଟ୍ୟକାର, କବି ଓ ସଂଗଠକ ଭାବରେ ଗଢି ତୋଳିଥିଲେ।

ଆମ ଅଞ୍ଚଳର ସେ ଥିଲେ ମୁରବୀ। ଯେକୌଣସି ବିବାଦ ବା କାର୍ଯ୍ୟକ୍ରମରେ ତାଙ୍କର ନିଷ୍ପତ୍ତି ଲୋଡ଼ା ପଡୁଥିଲା। ନିଜେ ଯେପରି ନିଜ ପିତାମାତାଙ୍କୁ ସେ ସ୍ନେହ ଓ ଶ୍ରଦ୍ଧା ସହିତ ସମ୍ମାନ କରୁଥିଲେ, ସେହିପରି ଭାବେ ନିଜ ପରିବାରର ସଦସ୍ୟ ସଦସ୍ୟାଙ୍କୁ ସେ ନିଜ ଭଳି ହେବାକୁ ଶିଖାଇଥିଲେ। ସେ ଥିଲେ ପରମ ବୈଷ୍ଣବ। ପ୍ରଭୁ ଚୈତନ୍ୟଦେବଙ୍କ ମାର୍ଗରେ ଅନୁପ୍ରାଣିତ ହୋଇ ସେ ନିଜର ଜୀବନ ବିତାଇଥିଲେ। ତାଙ୍କ ଆଚାର ବିଚାର ଓ ଜୀବନଶୈଳୀ ନୂତନ ଯୁବପିଢିଙ୍କୁ ଆକର୍ଷିତ କରୁଥିଲା। ନିଜ ଧର୍ମପତ୍ନୀଙ୍କୁ ସେ ଅତ୍ୟନ୍ତ ଭଲ ପାଉଥିଲେ। ତାଙ୍କ ଦେହାନ୍ତ ପରେ ନନ୍ଦ ମଉସା ଯେପରି ଏକାକୀ ହୋଇଯାଇ ଥିଲେ। କିଛିଦିନ ପରେ ସେ ମଧ୍ୟ ଈଶ୍ୱରଙ୍କ ସାନ୍ନିଧ୍ୟ ନିମନ୍ତେ ମନ ସ୍ଥିର କରିନେଇଥିଲେ ଓ ନିଜ ପରିବାରବର୍ଗଙ୍କ ଗହଣରେ ସେ ସ୍ୱର୍ଗବାସ ହୋଇଥିଲେ।

ନନ୍ଦ ମଉସା ଆଜି ନାହାନ୍ତି ସତ, ତାଙ୍କ ଆବର୍ତ୍ତମାନରେ ତାଙ୍କର ବହୁମୀଖୀ ପ୍ରତିଭାକୁ ତାଙ୍କୁ ଜାଣିଥିବା ମଣିଷମାନେ ସବୁଦିନ ପାଇଁ ମନେରଖିବେ।

**-ପ୍ରକାଶ ରଥ**

## ଯୋଡାରେ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କଲେ ଚମ୍ପୁଆ ବିଧାୟିକା



ଯୋଡା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ୨ନମ୍ବର ୱାର୍ଡ ବନେଇକଳାଠାରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ହସ୍ତକମଳରେ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ମିନାକ୍ଷୀ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ଉଦଘାଟନ କରିଥିବା ବେଳେ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରତିମୟ, କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ଅଶୋକ ଦାସ, ଯୋଡା ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଦାସ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଯୋଡା ପରି ଖଣି ବହୁଳ ଅଂଚଳରେ ଗୋଟିଏ ମାତ୍ର ସରକାରୀ ଡାକ୍ତରଖାନା ଥିବାରୁ ଜନସାଧାରଣଙ୍କୁ ଆବଶ୍ୟକ ଅନୁଯାୟୀ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରୁନଥିବାରୁ ବିଧାୟିକା ଶ୍ରୀମତି ମିନାକ୍ଷୀ ମହାନ୍ତଙ୍କ ଉପସ୍ଥାପନା ଉପରେ ଗୁରୁତ୍ୱ ଦେଇ ଓଡିଶା ସରକାରଙ୍କ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁଯାୟୀ ଏହି ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇପାରିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ର ପରିଚାଳନା ଦାୟିତ୍ୱ ରମାଦେବୀ ଗ୍ରାମ୍ୟ ବିକାଶ ସଂଗଠନ କୁ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଗ୍ରାମ ମେନେଜର ଦେବାଶିଷ ମହାନ୍ତ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଅଧିକାରୀ ଲକ୍ଷ୍ମୀକାନ୍ତ ସିଂ, ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଜଗଦୀଶ ପ୍ରସାଦ ସାହୁ ସମେତ ଯୋଡା ବିଜେଡି ସଂଗଠନ ପକ୍ଷରୁ ଜିଲ୍ଲା ବିଜେଡି ସଂପାଦକ ବାବୁଲାଲ ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ରବିନ୍ଦ୍ର କୁମାର ଦାସ, ବିଜେଡି ସଂଗଠକ ସୁଶାନ୍ତ କୁମାର ବାରିକ, ମହେନ୍ଦ୍ର ମହାପାତ୍ର, ଦ୍ୱିଲିପ ନାଏକ, ନିରଞ୍ଜନ ବହିଦାର, ସୁନିଲ ସାମଲ ସମେତ ଅନେକ ବିଜେଡି ର ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ। ତେବେ ଏହି ପରିପ୍ରେକ୍ଷୀରେ ଚମ୍ପୁଆ ବିଧାୟିକା ଯୋଡା ସହରରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟର ତଦାରଖ କରିବା ସହ ବିଭିନ୍ନ ୱାର୍ଡର ଲୋକମାନଙ୍କ ସମସ୍ୟା ବିଷୟରେ ବୁଝାସୁଝା କରିଥିଲେ।

## ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ ପାଳନ

ଯାଜପୁର (ପିଏନ୍) - ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ନେହେରୁଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାରଭାବେ ଜବାହରଲାଲ ନେହେରୁଙ୍କ ଯୋଗଦାନ ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା, ବୈଦେଶିକ ନୀତି ନାଟୋ ଓ ଜି-୩ ଶୀର୍ଷ ସମ୍ମିଳନୀରେ ଭାରତର କୂଟନୈତିକ ସମ୍ପର୍କର ଉନ୍ନତି, ବହିର୍ବ୍ୟାପାର ଓ ବୈଦେଶିକ ବାଣିଜ୍ୟିକ ସମ୍ପର୍କ, ଜାତୀୟ ରାଜପଥ, ଭାରତର ବୃହତ୍ତମ ବନ୍ଦର, ବିମାନ ବନ୍ଦର, ଭାରତର ଶିଳ୍ପାୟନର ଅଭିବୃଦ୍ଧି ବିଶେଷକରି ଭାରତର ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଉତ୍ସବରେ ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ମାନସ ରଞ୍ଜନ ପଣ୍ଡା, ଉପସଭାପତି ବିଭୂତି ମହାପାତ୍ର, ଗଦାଧର ଦାସ, ରାଜୀବ ମହାପାତ୍ର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, କପିଳେଶ୍ୱର ଦଳାଇ, ରଘୁନାଥ ସାହୁ, ବିଦ୍ୟାଧର ବାରିକ, ସନ୍ତୋଷ ରାଉତ, ବିଜୟ କୁମାର ମହାପାତ୍ର, ନକୁଳଦେବ ସାହୁ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଜେନା, ସ୍ୱରାଜ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ ଜନଜାଗରଣ ଯାତ୍ରାର ଶୁଭାରମ୍ଭ

ରାଉରକେଲା (ପିଏନ୍): ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତି, ଭ୍ରଷ୍ଟାଚାର ଓ ରାଉରକେଲା ପ୍ରତି ଚରମ ଅବହେଳା ବିରୁଦ୍ଧରେ ଜନଜାଗରଣ ଯାତ୍ରା ଆରମ୍ଭ କରାଯାଇଛି । ଏହି ଯାତ୍ରାର ଶୁଭାରମ୍ଭ ଐତିହାସିକ ପାନପୋଷ ଗାନ୍ଧୀ ଛକଠାରୁ ଅପରାହ୍ନ ୪ ଘଟିକାରେ ଆରମ୍ଭ ହୋଇ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟଠାରେ ସାଢେ ୮ ଘଟିକାରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ପାନପୋଷ ଗାନ୍ଧୀ ଛକଠାରୁ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ପଦଯାତ୍ରାରେ ଯାଇ ପାନପୋଷ ହାଇସ୍କୁଲ ନିକଟରେ ଉପସ୍ଥିତ ଗ୍ରାମବାସୀଙ୍କୁ ସମ୍ବୋଧିତ କରିଥିବା ବେଳେ ୭ ନମ୍ବର ବ୍ଲକ୍‌ର କଳିଙ୍ଗ ବିହାର, ବିଏସ୍‌ଏନ୍‌ଏଲ୍ ଛକ ଓ ଭିଏସ୍‌ଏସ୍ ମାର୍କେଟ ଠାରେ ପଥପ୍ରା' ସଭାରେ ଉପସ୍ଥିତ ଲୋକମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ଜନବିରୋଧି ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ଏ ସମସ୍ତ ପଥପ୍ରା' ସଭାରେ ଉପସଭାପତି ଦେବବ୍ରତ ବିହାରୀ ଅଧକ୍ଷତା କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏ ସମସ୍ତ ସଭାରେ ଶ୍ରୀ ସେନାପତିଙ୍କ ସମେତ ରଘୁନାଥପାଲ୍ଲି କଂଗ୍ରେସ ନେତା ପ୍ରଶା' ସେଠୀ, ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ମହିଳା କଂଗ୍ରେସ ସଭାନେତ୍ରୀ




ନିରୂପମା ବଳିୟାର ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ କିଭଳି ଭାବରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲର ଦରବୃଦ୍ଧି କରି ସାଧାରଣ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟ୍ କରୁଛ'ି ସେ ସମ୍ପର୍କରେ ଅବଗତ କରାଇଥିଲେ । କଂଗ୍ରେସ ସରକାର ସମୟରେ ୪୧୪ ଟଙ୍କାରେ ବିକ୍ରି ହେଉଥିବା ରନ୍ଧନ ଗ୍ୟାସ ସିଲିଣ୍ଡର ଆଜି ୯୬୦ ଟଙ୍କାରେ ପହଞ୍ଚିଥିବା ବେଳେ ବେକାରୀ ଓ ବେରୋଜଗାରୀ ହୁ ହୁ ହୋଇ ବଢିବାରେ ଲାଗିଛି । ବେକାରୀ ଗତ ୫୦ ବର୍ଷର ରେକର୍ଡ ଭାଙ୍ଗି ଦେଶରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ଗତ ୨ ବର୍ଷରେ ୧୨ କୋଟି ଲୋକ ରୋଜଗାର ହରାଇଛ'ି । ନବୀନ ବାବୁ ତାଙ୍କ ୨୧ ବର୍ଷର ଶାସନରେ ଓଡିଶାରେ ୪୫ ଲକ୍ଷ ବେକାରୀ ସୃଷ୍ଟି କରିଛ'ି ନେତୃବୃନ୍ଦ ଅବଗତ କରାଇଥିଲେ । ଓଡିଶାରେ ଆଜି ପ୍ରତ୍ୟେକ ଦିନ ୪ଟି ହତ୍ୟା, ୪ଟି ଧର୍ଷଣ ଓ ୧୧ଟି ଅପହରଣ ଘଟଣା ଘଟୁଥିବା ବେଳେ ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ନବୀନ ବାବୁଙ୍କ ସରକାର ସୁରକ୍ଷା ଦେଇ ଅପରାଧିକ ଘଟଣାକୁ ପ୍ରୋତ୍ସାହିତ କରୁଛ'ି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ନୀତି ଯୋଗୁଁ ଆଜି ଚାଷୀ ଓ ଶ୍ରମିକଙ୍କ ଆନ୍ଦୋଳନ ଚାଲିଥିବା ବେଳେ ଉଭୟ ସରକାର ପୁଁଜିପତିଙ୍କ ସ୍ୱାର୍ଥରକ୍ଷାରେ ମାତିଛ'ି ବୋଲି ବକ୍ତାମାନେ ପ୍ରକାଶ କରି ଆଗାମୀ ଦିନରେ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନରେ ଉଭୟ ବିଜେଡି ଓ ବିଜେପିକୁ ଠିକଣା ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ବିଜୟ କୁମାର ଆପଟ ପଦଯାତ୍ରା ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ସାଧାରଣ ସମ୍ପାଦକ ସରସ୍ୱତୀ ଭୂମିଜ, ତୁଳସୀ ନାଗ ଓ ଏମ୍‌ଡି ମଜମୁଦ୍ଦିନ, ମୁଖପାତ୍ର କୈଳାସ ସାହୁ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ବୁଲୁ ଦାସ, ଜ୍ଞାନରଂଜନ କର, ଜିଲ୍ଲା କଂଗ୍ରେସର ଶ୍ୟାମେନ୍ଦ୍ର ମାହାତୋ, ରତିକା' ମଲ୍ଲିକ, ପ୍ରତିମା ପାଣିଗ୍ରାହୀ, ରୁକସାନା ବେଗମ, ଅମ୍ରିତ କୌର, ବରବୀର ସିଂହ, ଲୋକନାଥ ଭୂମିଜ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ମାତା ପ୍ରସାଦ ଜୟସ୍ୱାଲ, ପ୍ରତାପ ସାହୁ, ଅନୁପ ସାହୁ, ସୁଧୀର ନାଥ, ଧର୍ମେନ୍ଦ୍ର ପରମାର, ବସ' ସାମଲ, ସୁବଳ ବାସୁରୀ, ବିଜୟ ସାହୁ, ଗଣେଶ ମୁଣ୍ଡାରୀ, ରେହେମାନ ଖାନ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତ'ୀ, ଏମ୍‌ଡି ନିଜାମ, ଜିତେନ୍ଦ୍ର ଦାସ, ଏମ୍‌ଡି ମୁର, ଏମ୍‌ଡି ସବୀର, ଏମ୍‌ଡି ସଲ୍ଲାଉଦ୍ଦିନ, ଯୁବନେତା ବିଶ୍ୱଜିତ ସାହୁ, ଏମ୍‌ଡି ଇମତିଆଜ, ଏମ୍‌ଡି ଗୁଲାବ, ଶ୍ୟାମ ସାଗର, ବିଜୟ ପଟ୍ଟନାୟକ, ମଙ୍ଗଳ ମୁଣ୍ଡାରୀ, ରାଜେଶ ପତି, ବିଶ୍ୱଭୂଷଣ ସର, ଲିଙ୍ଗରାଉଜ ମହା', ଆଇନ୍‌ଜୀବୀ ଉପେନ୍ଦ୍ର ରାଉତ, ମୀନକେତନ ମିଶ୍ର, ସୁକା' ସାହୁ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଆଜିର ଏହି ଜନ ଜାଗରଣ ଯାତ୍ରାରେ ସାମିଲ୍ ହୋଇଥିଲେ ବୋଲି ଦଳ ତରଫରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗୋସେବା ସମିତି ଗଠିତ

ଅନୁଗୋଳ (ପିଏନ୍): ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଅନୁଗୋଳ ସ୍ଥିତ ଶ୍ରୀ ଗୋପାଳ ଗୋଶାଳା ପରିସର ମଧ୍ୟରେ ପୂଜ୍ୟ ବ୍ରହ୍ମଚାରୀ ଶ୍ରୀ ସୀତାରାମଜୀ ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ସମିତି ଘୋଷଣା ମାଧ୍ୟମରେ ବ୍ଲକ ସମିତି ଗଠନ ସମ୍ପର୍କରେ ଆଲୋଚନା କରିବା ସହ ଗ୍ରାମମାନଙ୍କରେ ସୁରଭି ସତ୍‌ସଙ୍ଗ ଆରମ୍ଭ କରିବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ ହୋଇଯାଇଛି । ସୁରଭି ସତ୍‌ସଙ୍ଗ ମାଧ୍ୟମରେ ଲୋକମାନଙ୍କୁ ଗୋ-ମାତା ପ୍ରତି ଶ୍ରଦ୍ଧା, ଭକ୍ତି, ଜ୍ଞାନ, ସେବାର ଭାବ ଜାଗୃତ କରିବା ଓ ପଂଚଗବ୍ୟର ସଦ୍‌ବ୍ୟବହାର ଓ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଲକ୍ଷ ନେଇ ଗୋସେବା ସଂଗଠନ କାର୍ଯ୍ୟ କରୁଥିବା ନେଇ ସଭାରେ ସଂଯୋଜକ ମନୋଜ ଅଗ୍ରୱାଲ ପ୍ରକାଶ କରିଥିଲେ । ଏ କ୍ରମରେ ବୈଠକର ମାର୍ଗଦର୍ଶକ ପ୍ରଦେଶ ସଂଗଠନ ସଂପାଦକ ନିରନ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗୋସେବା ସମିତି ଘୋଷଣା କରାଯାଇଥିଲା । ସେଥିରେ ଢେଙ୍କାନାଳ ଜିଲ୍ଲା ପାଇଁ ସଭାପତି ଭାବରେ ଡାକ୍ତର ମୋହିତ କୁମାର ଦାଶ, କାର୍ଯ୍ୟକାରୀ ସଭାପତି- ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ସାହୁ, ଉପସଭାପତି- ଦିଲ୍ଲିପ କୁମାର ମିଶ୍ର, ସଂପାଦକ- କୃଷ୍ଣ ଚନ୍ଦ୍ର ପରିଡା, ସହ ସଂପାଦକ- ମାୟାଧର ବେହେରା, କୋଷାଧ୍ୟକ୍ଷ- ବିଭୁତି ଭୂଷଣ ଦାଶ, ମହିଳା ପ୍ରମୁଖ- କୁସୁମ ମରୀ ପରିଡା, ଗୋଶାଳା ପ୍ରମୁଖ- ଶେଷଦେବ ରାଉତ, ସତ୍‌ସଙ୍ଗ ପ୍ରମୁଖ- ଆଦିତ୍ୟ କୁମାର ଆଚାର୍ଯ୍ୟ, ଓ ସଦସ୍ୟ ଭାବେ ସନ୍ତୋଷ କୁମାର ରାଉତ, ଏବଂ ସରୋଜ କୁମାର ଧଳଙ୍କୁ ମନୋନୀତ କରାଯାଇଛି । ସେହିଭଳି ଅନୁଗୋଳ ଜିଲ୍ଲା ପାଇଁ ସଭାପତି ଭାବରେ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟକାରୀ ସଭାପତି- ପ୍ରଭାତ କୁମାର ଧର, ଉପସଭାପତି- ଲୋକନାଥ ସାହୁ, ସଂପାଦକ- ଦିବାକର ପ୍ରଧାନ, ସହ ସଂପାଦକ- ରମାକାନ୍ତ ପ୍ରଧାନ, ମହିଳା ପ୍ରମୁଖ- ସୁମିତ୍ରା ଅଗ୍ରୱାଲ, ଗୋଶାଳା ପ୍ରମୁଖ- ଅଜୟ କୁମାର ଦାସ, ସତ୍‌ସଙ୍ଗ ପ୍ରମୁଖ- ଦିଲ୍ଲିପ କୁମାର ବେହେରା ଓ ସଦସ୍ୟ ଭାବେ କିର୍ତ୍ତନ ବେହେରା ଏବଂ ସରିତା ପ୍ରଧାନଙ୍କୁ ମନୋନୀତ କରାଯାଇଛି ।

## କେନ୍ଦ୍ରାପଡାରେ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କୋଭିଡ ମହାମାରୀ ପରେ ଓଡିଶାର ପ୍ରଥମ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା-୨୦୨୧ ଗୁରୁବାର ସନ୍ଧ୍ୟାରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦ୍‌ଘଟିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଉଦ୍‌ଘାଟକ ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲା ସାରା ରାଜ୍ୟରେ ପ୍ରଥମ ଜିଲ୍ଲାଭାବେ ପଲ୍ଲୀଶ୍ରୀ ମେଳା ଆୟୋଜନ କରିବାରେ ଗୌରବ ଅର୍ଜନ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ ବିଗତ କରୋନା ମାଡରେ ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ଅର୍ଥିକ ଦୂରାବସ୍ଥାକୁ ସୁଦୃଢ କରିବାରେ ଏହି ପଲ୍ଲୀଶ୍ରୀ ମେଳା ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ପଲ୍ଲୀଶ୍ରୀ ମେଳାର ସମସ୍ତ ଷ୍ଟଲ ପୁରଣ ହୋଇଥିବାରୁ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ । ଜିଲ୍ଲାର ଜନସାଧାରଣ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଗୁଡିକ କିଣିବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଅମ୍ରିତ ଋତୁରାଜ ବିଗତ ଦେଢ ବର୍ଷ ହେଲା ପଲ୍ଲୀଶ୍ରୀ ମେଳା ବନ୍ଦ ହୋଇଯାଇଥିବାରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଘୋର ଆର୍ଥିକ ଦୂରାବସ୍ଥାରେ ଥିଲେ । ଆଜିର ଏହି ମେଳା ନିଶ୍ଚିତ ଭାବେ ସେମାନଙ୍କୁ ସହାୟକ ହେବ ବୋଲି କହିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଓରମାସର ଜିଲ୍ଲା ମୁଖ୍ୟ ନିର୍ବାହୀ ଆଶିଷ ରାଉଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତିରାଜ ପ୍ରତିନିଧି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଗଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଏହି ମେଳାର ପ୍ରାୟ ୬୦ଟି ଷ୍ଟଲରେ ରାଜ୍ୟର ୨୭ଟି ଜିଲ୍ଲାରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରୁଥିବା ବେଳେ ୧୦ଟି ଷ୍ଟଲରେ ଖାଦ୍ୟ ସାମଗ୍ରୀ ଓ ବିଭିନ୍ନ ସରକାରୀ ବିଭାଗ ୨୦ଟି ଷ୍ଟଲରେ ସେମାନଙ୍କ ବିଭାଗ ସମ୍ପର୍କରେ ସଚେତନା ପାଇଁ ଷ୍ଟଲ ଖୋଲିଛନ୍ତି । ଅତିଥିମାନେ ଉଦ୍‌ଘାଟନୀ ଉତ୍ସବ ପରେ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ ।

## କଳାପଥର, ଚିପ୍ସ୍ ଚୋରା ଚାଲାଣ କରୁଥିବା ୧୦ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ କଳାପଥର ଓ ଚିପ୍ସ୍ ଚୋରା ଚାଲାଣ କରୁଥିବା ୧୦ଟି ଗାଡିକୁ ଜବତ କରାଯାଇଛି । ଜବତ ଗାଡିଗୁଡିକୁ ଚଣ୍ଡିଖୋଲ ଫାଣ୍ଡି ଓ ଚଢ଼େଇଧରା ଚେକ୍ ପୋଷ୍ଟ୍‌ରେ ଅଟକ ରଖାଯାଇଛି । ଜବତ ଗାଡିଗୁଡିକରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ହେବ ବୋଲି ତହସିଲ୍ ପକ୍ଷରୁ କୁହାଯାଇଛି । ଲଘୁଖଣିଜ ସାମଗ୍ରୀ ଚୋରା ଚାଲାଣ ରୋକିବା ପାଇଁ ରାଜସ୍ୱ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଗଠିତ ଫ୍ଲାଇଂସ୍କ୍ୱାର୍ଡ଼ ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲ୍ ଗେଟ୍, ଆରୁହା ଓ ଚଢ଼େଇଧରା ଛକ ନିକଟରେ ଅତର୍କିତ ଚଢଉ କରିଥିଲା । ଏହି ସମୟରେ ୧୦ଟି ହାଇୱା ଏବଂ ଟ୍ରକ୍‌ରେ ବେଆଇନ ଭାବେ କଳାପଥର ଓ ଚିପ୍ସ୍ ପରିବହନ ହେଉଥିଲା । ଗାଡିଚାଳକମାନେ କଳାପଥର ଓ ଚିପ୍ସ୍ ପରିବହନ ପାଇଁ ଆବଶ୍ୟକ ୱାଇଫର୍ମ କିମ୍ବା କ୍ରସର ବିଲ୍ ଦେଖାଇ ନପାରିବାରୁ ଗାଡିଗୁଡିକୁ ଜବତ କରାଯାଇଥିଲା । ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ଶୀତଲ ଅଗ୍ରୱାଲ, ନେଉଳପୁର ଆର୍‌ଆଇ ବିରଞ୍ଚି କୁମାର ବୋଇତେଇ, ତଳଗଡ ଆର୍‌ଆଇ ମାନସ କୁମାର ବେଜ, ନାକପୋଲ ଆର୍‌ଆଇ ଚନ୍ଦନ କୁମାର ସାହୁ ପ୍ରମୁଖ ସ୍ଥାନୀୟ ପୁଲିସ୍ ସହାୟତାରେ ଚଢଉ କରିଥିଲେ । ଉକ୍ତ ବେଆଇନ କାରବାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢଉ, ଗିରଫଦାରୀ, ଗାଡି ଜବତ, ଜରିମାନା ଆଦାୟ, ରାସ୍ତା ବନ୍ଦ କରିବା ଏବଂ ୧୪୪ଧାରା ଜାରି କରାଯାଉଥିଲେ ମଧ୍ୟ ମାଫିଆଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ପାରୁନାହିଁ । ବରଂ ମାଫିଆମାନେ ପ୍ରଶାସନିକ ଅଧିକାରୀ ଓ ପୁଲିସ୍‌କୁ ଚ୍ୟାଲେଂଜ୍ ଦେଇ ଆହୁରି ଅଧିକ କଳାପଥର, ଚିପ୍ସ୍, ମୋରମ୍, ମାଙ୍କଡାପଥର, ମାଟି, ବାଲି ଆଦି ଲଘୁଖଣିଜ ସାମଗ୍ରୀ ଲୁଟ୍‌ପାଟ୍ କରୁଛ'ି । ଯାହାକି ଧର୍ମଶାଳା ଅଞ୍ଚଳରେ ଥିବା ପାହାଡ ପର୍ବତର ସୁରକ୍ଷା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦିନରାତି ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ଲଘୁ ଖଣିଜ ସାମଗ୍ରୀ ଲୁଟ୍‌ପାଟ୍ ହେଉଛି । ଯାହାକୁ ରୋକିବା ପାଇଁ ପ୍ରଶାସନ ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହୋଇ ପାରୁନାହିଁ । ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।




# ମହାକାଳପଡା ପଞ୍ଚାୟତ ନିର୍ବାଚନ ପ୍ରଚାରରେ ସାମିଲ ହେଲେ ଆଇନଜୀବୀ ଓ ବୁଦ୍ଧିଜୀବୀ



କେନ୍ଦ୍ରାପଡ଼ା, ୨୨।୨ : କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ମହାକାଳପଡା ବ୍ଲକର ବିଜୁ ଜନତା ଦଳର ଜିଲ୍ଲା ପରିଷଦ ଜୋନ ନମ୍ବର ୧୯ର ପ୍ରାର୍ଥୀନୀ ସସ୍ମିତା ସ୍ୱାଇଁ, ୨୦ ନମ୍ବର ଜୋନର ଜିଲ୍ଲା ପରିଷଦ ପାର୍ଥୀ ସୁବୋଧ ଲେଙ୍କା(ଟୁଟୁ), ୨୧ ନମ୍ବର ଜୋନର ପ୍ରାର୍ଥନୀ ଅନୁରାଧା ସ୍ୱାଇଁ, ୨୨ ନମ୍ବର ଜୋନର ଅପୁ ପରିଡା, ୨୩ ନମ୍ବର ଜୋନର ମୃତ୍ୟୁଞ୍ଜୟ ମଣ୍ଡଳଙ୍କ ପାଇଁ ନିର୍ବାଚନ ପ୍ରଚାରରେ ସାମିଲ ହୋଇଛନ୍ତି ଆଇନଜୀବୀ ଓ ବୁଦ୍ଧିଜୀବୀମାନେ । ସେମାନେ ଘର ଘର ବୁଲି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବହୁମୁଖୀ ଯୋଜନା ଗୁଡିକ ସମ୍ପର୍କରେ ଲୋକମାନଙ୍କୁ ବୁଝାଇସୁଝାଇ ଆଗାମୀ ପଂଚାୟତ ନିର୍ବାଚନରେ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ପାର୍ଥୀ ମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ଏହି ପ୍ରଚାର କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ରାଜ୍ୟ ବିଜେଡି ଲିଗାଲସେଲର କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ଜେନା, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ମାନସ ରଞ୍ଜନ ଧଳ, ରବିନ୍ଦ୍ର ଦାସ, ରଞ୍ଜନ କୁମାର ପଣ୍ଡା, ମାନସ ମହାନ୍ତି, ବ୍ରଜ ସୁନ୍ଦର ରାଉତ, ହାଡିବନ୍ଧୁ ସିଂ, ନିରଞ୍ଜନ ବଳ, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ସୁରେଶ ନାୟକ, ସଞ୍ଜୟ ଲେଙ୍କା, ମାଧବାନନ୍ଦ ପାତ୍ର, ଧିରେନ୍ଦ୍ର ଦାସ, ସତ୍ୟବ୍ରତ ସିଂ, ରମାକାନ୍ତ କାନୁନଗୋ, ଭାରତୀ ଦଳେଇ, ଅକ୍ଷୟପ୍ରିୟ ଦାସ ପ୍ରମୁଖ ଘର ଘର ବୁଲି ପାର୍ଥୀମାନଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ ।

# ଇରାନରେ ଫଶିଥିବା ଛାତ୍ରଙ୍କ ସହିତ ସମ୍ପର୍କ କରନ୍ତୁ କେନ୍ଦ୍ର ସରକାର : ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ : ଇରାନରେ ଫଶିଥିବା ଛାତ୍ରଙ୍କ ସହିତ ସମ୍ପର୍କ କରିବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କେନ୍ଦ୍ର ସରକାରଙ୍କୁ ଏ ସମ୍ବନ୍ଧୀୟ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋରୋନା ଭାଇରସ୍ ବ୍ୟାପୀବା ପରେ ଇରାନରେ ଫଶିଥିବା ଭାରତୀୟ ଛାତ୍ର ମାନଙ୍କୁ ସେଠାରୁ ଉଦ୍ଧାର କରିବା ନେଇ ପ୍ରକ୍ରିୟା ଉପରେ ଏକ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହି ଆବେଦନ କଶ୍ମୀର ଲୋକଙ୍କ ଦ୍ୱାରା ଆଗତ କରାଯାଇଛି । ଯେଉଁମାନଙ୍କ ପିଲା ମାନେ ଇରାନରେ ପାଠ ପଢୁଛନ୍ତି । ବିଚାରପତି ଆଇଏସ ମେହେଟ୍ଟା କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ବିଦେଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଗତ ମାର୍ଚ୍ଚ ୩ ତାରିଖରେ ଏନେଇ ନୋଟିସ୍ ଜାରୀ କରିବା ସହ ଜବାବ ମାଗିଥିଲେ । ଏହି ଆବେଦନ ଜରିଆରେ ଦାବି କରାଯାଇଛି ଯେ, ଇରାନରେ ପାଠ ପଢୁଥିବା ଭାରତୀୟ ଛାତ୍ରମାନଙ୍କୁ ଯେତେ ଶୀଘ୍ର ସମ୍ଭବ ଭାରତ ଫେରାଇ ଅଣାଯିବା ଆବଶ୍ୟକ । ଏଥି ସହିତ ଇରାନର ବିଶ୍ୱବିଦ୍ୟାଳୟରେ ଫଶିଥିବା ଛାତ୍ରମାନଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ସୁବିଧା ଓ ମାସ୍କ ବ୍ୟବସ୍ଥା କରିବାକୁ ବିଦେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଜାରୀ କରିବାକୁ ଏହି ଆବେଦନରେ ଦାବି କରାଯାଇଛି ।

ଏହି ଆବେଦନରେ ଦର୍ଶାଯାଇଛି ଯେ, ଇରାନ୍ ସରକାର ନିଜ ବିଶ୍ୱବିଦ୍ୟାଳୟ ଗୁଡିକୁ ବନ୍ଦ କରି ଦେଇଛନ୍ତି ଏବଂ ପରୀକ୍ଷା ଗୁଡିକୁ ମଧ୍ୟ ସ୍ଥଗିତ ରଖିଛନ୍ତି । ଅନ୍ୟପକ୍ଷରେ ଭାରତ ଫେରିବାକୁ କୌଣସି ବିମାନ ସେବା ନଥିବାରୁ ଇରାନରେ ଫଶିଥିବା ଛାତ୍ର ମାନେ ଏନେଇ ଚିନ୍ତିତ ଅଛନ୍ତି । ଏଥିପାଇଁ ଇରାନ ସ୍ଥିତ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ସୁଦ୍ଧା ସେଠାରୁ କୌଣସି ସହାୟତା ମିଳିପାରିନାହିଁ ।

ଏହି ଆବେଦନରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ, ଭାରତ ସରକାର ଚୀନ୍, ଜାପାନ ଏବଂ ଇଟାଲିରୁ ଭାରତୀୟ ଛାତ୍ରମାନଙ୍କୁ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରିଛନ୍ତି । କିନ୍ତୁ, ଇରାନରେ ଫଶିଥିବା ଛାତ୍ର ମାନଙ୍କ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନାହିଁ ।

# ଅଞ୍ଜିରାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣାସ, (ପି.ଏନ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ସାହୁପଡା ଗ୍ରାମପଂଚାୟତର ଅଞ୍ଜିରା ଗ୍ରାମରେ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୮ତାରିଖଠାରୁ ଆରମ୍ଭ ହେଉଥିବା ପ୍ରତିଷ୍ଠା ଉତ୍ସବ ଗତକାଲି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ୭୧୨ ଜଣ ବ୍ରତଧାରୀ ମହିଳା ଓ ପୁରୁଷ ମକରା ନଦୀର କାଦୁଆ ଘାଟରୁ ପୂଜାର୍ଚ୍ଚନା କରି କଳସରେ ଜଳଭରି ମନ୍ଦିର ପରିସରରେ ଅନୁଷ୍ଠିତ ହେଉଥିବା ଯଜ୍ଞ ସ୍ଥଳରେ ଆସି ପହଂଚି ଥିଲେ ।

# ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ଚଣ୍ଡିଖୋଲ ୧୩/୩(ପିଏନ)- ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ମହାଖଳା ସ୍ଥିତ ଉଦାଶ ଯମୁନା ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦେଇଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରବିନାରାୟଣ ନାୟକଙ୍କ ସଂଯୋଜନାରେ ଆୟୋଜିତ ବିଦାୟ କାଳିନ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ଗଜେନ୍ଦ୍ର ରାଉତ, ଫକୀର ଚରଣ ମହାପାତ୍ର, ବିଷ୍ଣୁଚରଣ ମୁଦୁଲି, ସିଆରସିସି ସ୍ୱପ୍ନେଶ୍ୱର ଜେନା, ସନ୍ତୋଷ ବେହେରା, ଡମ୍ବରୁଧର ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦେଇଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା, ସର୍ବପରି ଜଣେ ଆଦର୍ଶ ଶିକ୍ଷୟତ୍ରୀ ଭାବରେ ଶୈକ୍ଷିକ ବାତାବରଣ ସୃଷ୍ଟି କରି ପିଲା ମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାର ଉଦ୍ୟମକୁ ପ୍ରଶଂସା କରିଥିଲେ । ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଦୀପ୍ତି ନାୟକ, ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ରମେଶ ଚନ୍ଦ୍ର ରାଉତ, ସ୍କୁଲ ପରିଚାଳନା କମିଟି ସଭାପତି ତରଣୀ ସେନ ସାହୁ, ବୈତାରୀ ସାହୁ, ପ୍ରଶାନ୍ତ ବେହେରା, ଜଗନ୍ନାଥ ମୁଦୁଲି, ସିଆରସିସି, ପ୍ରଫୁଲ୍ଲ ସାହୁ, ଶିକ୍ଷକ ନନ୍ଦ କିଶୋର ପରିଡ଼ା, ଗୋଲଖ ସେଠୀ, ପୂର୍ଣ୍ଣ ଚନ୍ଦ୍ର ବେହେରା, ଚିତ୍ତରଂଜନ ସାହୁ, ଶିକ୍ଷୟତ୍ରୀ କଳ୍ପନା ଦାସ, ଅନୀତା ଦେଓ, ଅରୁଣା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦେଇଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ । ଶେଷରେ ବିଚିତ୍ରାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ, ଓ ଉପହାର ପ୍ରଦାନ କରାଯାଇ ଏକ ଶୋଭା ଯାତ୍ରାରେ ନିଜ ଗ୍ରାମକୁ ନିଆଯାଇଥିଲା । ଏହି ଉତ୍ସବରେ ସିହା ଓ ଦର୍ପଣୀ କ୍ଲଷ୍ଟରର ବହୁ ଶିକ୍ଷକ ଶିକ୍ଷୟତ୍ରୀ, ମହାଖଳା ଗ୍ରାମର ବୁଦ୍ଧିଜୀବି, ଶିକ୍ଷାବିତ ଓ ଗ୍ରାମ ବାସୀ ମାନେ ଯୋଗ ଦେଇଥିଲେ ।

## ଜାତୀୟ ଅଶ୍ୱାରୋହଣ ପ୍ରତିଯୋଗିତାରେ କୃତିତ୍ୱ

ଚଣ୍ଡିଖୋଲ ୧୩/୩(ପିଏନ)- ସର୍ବଭାରତୀୟ ସ୍ତରରେ ଉତ୍ତର ପ୍ରଦେଶର ମିରଟ ଠାରେ ଅନୁଷ୍ଠିତ ହୋଇଥିବା ଅଶ୍ୱାରୋହଣ ପ୍ରତିଯୋଗିତାରେ ଓଡ଼ିଶାର ମେଜର ପ୍ରୀତମ ମିଶ୍ର ଦଳଗତ ଭାବେ ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ବଲାଙ୍ଗିର ଅଧିବାସୀ ମେଜର ପ୍ରୀତମ ମିଶ୍ର ବର୍ତ୍ତମାନ ଭାରତୀୟ ସେନାର କାଭାଲାରି ବିଭାଗରେ କାର୍ଯ୍ୟରତ । ସେ କ୍ରମାଗତ ଭାବେ ପ୍ରତିବର୍ଷ ଅଶ୍ୱାରୋହଣ ପ୍ରତିଯୋଗିତାରେ ଭାଗନେଇ ଦେଶ ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ଏହି ପ୍ରତିଯୋଗିତାରେ ଓଡ଼ିଶାର କର୍ଣ୍ଣେଲ ଦୁର୍ଗା ପ୍ରସାଦ ନନ୍ଦ କର୍ଣ୍ଣେଲ ଆଲୋକ ପଲେଇ ଓ ଅନିମେସ ସିଂହ ଅଫିସିଆଲ ଦାୟିତ୍ୱ ନିର୍ବାହ କରିଛନ୍ତି ।

# ଅର୍ଦ୍ଧାଧିକ ସ୍କୁଲରେ କଂପ୍ୟୁଟର ଚାଲୁନି, କଂପ୍ୟୁଟର ଶିକ୍ଷା ଫେଲ

କନ୍ଧମାଳ,(ପିଏନ)- କେଉଁଠି ଲାଇଟ ନାହିଁ ତ ଆଉ କେଉଁଠି କଂପ୍ୟୁଟରରେ ଧୂଳି ଲାଗି ନଷ୍ଟ ହୋଇଗଲାଣି । କେଉଁଠି କିଏ ଚୋରୀ କରିନେଲାଣି । କେତେକ ସ୍କୁଲରେ ମରାମତି ଅଭାବରୁ ପଡିଛି, ପିଲାଙ୍କ କାମରେ ଆସୁନି । ଫଳରେ କଂପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ ଫେଲ ମାରିଛି ଜିଲ୍ଲାରେ ।

ଗତ ୨୦୧୩-୧୪ ବର୍ଷରେ ଓପେପା ପକ୍ଷରୁ କେତେକ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନା ମାଧ୍ୟମରେ କଂପ୍ୟୁଟର ଯୋଗାଇ ଦିଆଯାଇଥିବା ବେଳେ ସାଂସଦ ପାଣ୍ଠିରୁ ମଧ୍ୟ ଅନେକ ବିଦ୍ୟାଳୟକୁ କଂପ୍ୟୁଟର ଯୋଗାଇ ଦିଆଯାଇଥିଲା । ହେଲେ ଏସବୁ ବିଦ୍ୟାଳୟରେ କଂପ୍ୟୁଟର ପାଠପଢା ହେଉନଥିବାରୁ କଂପ୍ୟୁଟର ବିଷୟରେ ପିଲା ଜାଣନ୍ତିନି କିଛି । କେବଳ କାଗଜ କଲମରେ ଚାଲିଛି କଂପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ । ବିଦ୍ୟାଳୟ କଂପ୍ୟୁଟର କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାଦାନ ଲାଗି କଂପ୍ୟୁଟର ଏଡେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ ସର୍ବଶିକ୍ଷା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଥିଲା । ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କଂପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ ଚାଲିଛି ହେଲେ ଏହାର ତଦାରଖ ଠିକ୍ ଭାବେ କରାଯାଉନାହିଁ । ସେହିପରି କନ୍ଧମାଳ ଜିଲ୍ଲାର ଫୁଲବାଣୀ ଠାରେ ବାଳିକା ହାଇସ୍କୁଲରେ ମଧ୍ୟ ଅଟଳ ଟିଙ୍କରିଙ୍ଗ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଅତ୍ୟାଧୁନିକ କଂପ୍ୟୁଟର ଲ୍ୟାବ ମଧ୍ୟ କରାଯାଇଛି । ଉଦ୍ଦେଶ୍ୟ ଛତ୍ରଛାତ୍ରୀଙ୍କୁ କଂପ୍ୟୁଟର ମାଧ୍ୟମରେ ଉନ୍ନତ ଶିକ୍ଷା ଯୋଗାଇବା । ବାସ୍ତବରେ ଛାତ୍ରଛାତ୍ରୀ ମାନେ କଂପ୍ୟୁଟର ମାଧ୍ୟମରେ କେତେଦୂର ଉପକୃତ ହେଉଛନ୍ତ ତାର ଏକ ଆକଳନ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅଚଳ କଂପ୍ୟୁଟର ଗୁଡିକର ମରାମତି କରିବା ଜରୁରୀ । ବିଦ୍ୟୁତ ନଥିବା ସ୍କୁଲ ଗୁଡିକରେ ବିଦ୍ୟୁତ ସଂଯୋଗ ଜରୁରୀ । ଗତ ୨୦୧୨ ଅଗଷ୍ଟ ୨୫ ରେ ଏହି କାର୍ଯ୍ୟକ୍ରମର ଅନୁଧ୍ୟାନ ଲାଗି ଓପେପା ପକ୍ଷରୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାନଙ୍କୁ ଅନୁଧ୍ୟାନ କରି ରିପୋର୍ଟ ଦେବାଲାଗି ନିର୍ଦ୍ଦେଶ ଆସିଥିଲା । ଚିଠିରେ ଉଲ୍ଲେଖ ଥିଲା ଯେ, ଯେଉଁସବୁ ବିଦ୍ୟାଳୟରେ କଂପ୍ୟୁଟର ଯୋଜନା ଠିକଣା ଭାବେ କାର୍ଯ୍ୟ କରୁନାହିଁ ସେଠାରେ ଆବଶ୍ୟକ ପଦକ୍ଷେପ ନେବାଲାଗି କୁହାଯାଇଥିଲା । ସିଏଜି ମଧ୍ୟ ସେତେବେଳେ କଂପ୍ୟୁଟର କିଣାରେ ଦୁର୍ନିତୀ ହୋଇଥିବା ନେଇ ଆପତି ଉଠାଇଥିଲେ । ଟେଣ୍ଡର ଠିକ୍ ଭାବେ ହୋଇନଥିବା ସାଙ୍ଗକୁ ସ୍ୱଚ୍ଛତା ଅବଲମ୍ବନ ହୋଇନଥିବା ଦର୍ଶାଇଥିଲା ସିଏଜି ତା'ର ରିପୋର୍ଟରେ । ତେବେ, ଆଜିର କଂପ୍ୟୁଟର ଯୁଗରେ ଜିଲ୍ଲାରେ କଂପ୍ୟୁଟର ଶିକ୍ଷା ଉପରେ ପ୍ରଶାସନ ଓ ଶିକ୍ଷା ବିଭାଗ କର୍ତୃପକ୍ଷ ଗୁରୁତ୍ୱ ଦେଇ ତଦାରଖ କରିବା ଜରୁରୀ । ନଚେତ୍ କାଗଜ କଲମରେ ହିଁ କଂପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ ଚାଲିଥିବ ଏଥିରେ ସନ୍ଦେହ ନାହିଁ ।

# ଆର୍ନ୍ତଜାତିକ ମହିଳା ଦିବସ ପାଳିତ




ଚଣ୍ଡିଖୋଲ ୧୩/୩(ପିଏନ)- ଚଣ୍ଡିଖୋଲ ନିକଟ ହରିଦାସପୁର ସ୍ଥିତ ଓସେନ ୱାନ ପବ୍ଲିକ ସ୍କୁଲ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଆର୍ନ୍ତଜାତିକ ମହିଳା ଦିବସ ଶିକ୍ଷାବିତ ଡ଼ଃ. ସସ୍ମିତା ଗାହାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷା ଇତିଶ୍ରୀ ସାମଲ ଯୋଗ ଦେଇ ନାରୀ ଜନ୍ମ ଇଶ୍ୱର ଙ୍କ ପ୍ରଦତ୍ତ ଏକ ଅମୂଲ୍ୟ ସୃଷ୍ଟି । ମହିଳା ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପ୍ରତ୍ୟେକ ସଫଳ ପୁରୁଷଙ୍କ ପଛରେ ଜଣେ ମହିଳାଙ୍କର ପ୍ରଚ୍ଛନ୍ନ ହାତ ଥାଏ । ଜାୟା, ଜନନୀ. ଭଗିନୀ ଓ ଝିଅ ନାରୀର ଗୋଟିଏ ଗୋଟିଏ ରୂପ । ଭାରତୀୟ ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ନାରୀ ମାନଙ୍କର ବିଶେଷ ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେମୁଖ୍ୟ ବକ୍ତା ଭାବେ ମହିଳା ମିଶନ ଶକ୍ତିର ସଂପାଦିକା ଦେବଜାନୀ ପ୍ରଧାନ ସମ୍ମାନୀୟ ଅତିଥି ଭାବେ ଲବଙ୍ଗଲତା ରିଡ଼ା,ପଙ୍କଜିନୀ ଉପାଧ୍ୟାୟ ଯୋଗ ଦେଇ ନାରୀ ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବକୁ ଶିକ୍ଷାବିତ କୁଞ୍ଜବିହାରୀ ଦାସ ଉଦଘାଟନ କରିଥିଲା ବେଳେ ସଂପାଦକ ଅନୀଲ କୁମାର ଦାସ ଅତିଥି ପରିଚୟ ଓ ଶିକ୍ଷକ ପ୍ରକାଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପାଲା ଗାୟିକା କନକଲତା ସାମଲ, ଶିକ୍ଷୟତ୍ରୀ ଶ୍ରୀମତୀ ରାଉତ, ରଶ୍ମିତା ବେହେରା, ଚିନ୍ମୟୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତା

ବାଲେଶ୍ୱର,(ପି.ଏନ): ଦେଶରେ ପ୍ରଚଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହିତ ଏଥିରେ ମତଦାତାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା "ମୋ ଭୋଟ୍ ହିଁ ମୋ ଭବିଷ୍ୟତ-ଗୋଟିଏ ଭୋଟ୍ର ଶକ୍ତି" ବିଷୟ ଆଧାରିତ ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଦ୍ୱାଦଶ ରାଷ୍ଟ୍ରୀୟ ମତଦାତା ଦିବସ-୨୦୨୨ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ସମସ୍ତ ବୟସର ଲୋକଙ୍କ ପାଇଁ ଉପଲବ୍ଧ ଥିବା ବେଳେ ମାର୍ଚ୍ଚ ୧୫, ୨୦୨୨ ପର୍ଯ୍ୟନ୍ତ ଏହା ଖୋଲା ରହିବ । ପାଂଚଟି ବର୍ଗ ଯଥା- କୁଇଜ୍, ସ୍ଲୋଗାନ ପ୍ରସ୍ତୁତି , ଭିଡିଓ ପ୍ରସ୍ତୁତି , ଗୀତ ଗାଇବା ଏବଂ ପୋଷ୍ଟର ଡିଜାଇନ କରିବାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆନୁଷ୍ଠାନିକ, ପେସାଦାର ଓ ଅନଭିଜ୍ଞ ଭଳି ତିନୋଟି ସ୍ତରରେ ହେଉଥିବା ଏହି ପ୍ରତିଯୋଗିତା ସମ୍ବନ୍ଧରେ ସବିଶେଷ ତଥ୍ୟ ଭାରତ ନିର୍ବାଚନ ଆୟୋଗଙ୍କ ୱେବସାଇଟ୍ https://ecisveep.nic. in/contest/ ତଥା votera waren esscontest.inùe ମିଳିପାରିବ । ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀମାନେ ସବିଶେଷ ବିବରଣୀ ସହିତ ଆବେଦନଗୁଡିକୁ ଇ-ମେଲ ଆଇ.ଡି. voter-contest@eci.gov.in ରେ ଇମେଲ୍ କରିବେ । ଏଥି ସହିତ କେଉଁ ପ୍ରତିଯୋଗିତା ଏବଂ ବର୍ଗ ପାଇଁ ପ୍ରତିଯୋଗୀ ଆବେଦନ କରୁଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ । ସଙ୍ଗୀତ, ଭିଡିଓ ପ୍ରସ୍ତୁତି ଓ ପୋଷ୍ଟର ଡିଜାଇନକୁ ୩ଟି ଲେଖାଏଁ ବର୍ଗରେ ବର୍ଗୀକରଣ କରାଯାଇଛି ଓ ସେଥିନିମନ୍ତେ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରଖାଯାଇଛି । ଉକ୍ତ ୩ଟି ବିଭାଗ ପାଇଁ ବର୍ଗୀକରଣ କରାଯାଇଥିବା ସଙ୍ଗୀତ ବିଭାଗରେ ଆନୁଷ୍ଠାନିକ (ସ୍କୁଲ,କଲେଜ,ୟୁନିଭର୍ସିଟି) ସଫଳ ପ୍ରତିଯୋଗୀଙ୍କ ପାଇଁ ୧ମ ପୁରସ୍କାର ୧ଲକ୍ଷ ଟଙ୍କା, ୨ୟ ୫୦ହଜାର ଟଙ୍କା, ୩ୟ ପାଇଁ ୩୦ହଜାର ଟଙ୍କା ଓ ସ୍ୱତନ୍ତ୍ର ପାଇଁ ୧୫ହଜାର ଟଙ୍କା ରଖାଯାଇଛି । ସେହିପରି ସଂଗୀତର ପେସାଦାର ସଫଳ ପ୍ରତିଯୋଗୀ ପାଇଁ ୧ମ ୫୦ହଜାର, ୨ୟ ୩୦ହଜାର, ୩ୟ ୨୦ହଜାର ଓ ସ୍ୱତନ୍ତ୍ର ୧୦ହଜାର ଟଙ୍କା ରଖାଯାଇଛି । ସଙ୍ଗୀତର ଅନଭିଜ୍ଞ ସଫଳ ପ୍ରତିଯୋଗୀ ପାଇଁ ୧ମ ୨୦ହଜାର, ୨ୟ ୧୦ହଜାର, ୩ୟ ୭ହଜାର ୫ଶହ ଓ ସ୍ୱତନ୍ତ୍ର ପାଇଁ ୩ହଜାର ଟଙ୍କା ପୁରସ୍କାର ରଖାଯାଇଛି । ଭିଡିଓ ପ୍ରସ୍ତୁତିରେ ଆନୁଷ୍ଠାନିକରେ ୧ମ ପାଇଁ ୨ ଲକ୍ଷ, ୨ୟ ୧ଲକ୍ଷ, ୩ୟ ୭୫ହଜାର ଓ ସ୍ୱତନ୍ତ୍ର ୩୦ହଜାର, ପେସାଦାର ବର୍ଗରେ ୧ମ ୫୦ହଜାର, ୨ୟ ୩୦ହଜାର, ୩ୟ ୨୦ହଜାର, ସ୍ୱତନ୍ତ୍ର ୧୦ହଜାର ଏବଂ ଅନଭିଜ୍ଞ ବର୍ଗରେ ୧ମ ୩୦ହଜାର, ୨ୟ ୨୦ହଜାର, ୩ୟ ୧୦ହଜାର ଏବଂ ସ୍ୱତନ୍ତ୍ର ପାଇଁ ୫ହଜାର ଟଙ୍କାର ପୁରସ୍କାର ରଖାଯାଇଛି । ସେହିପରି ପୋଷ୍ଟର ଡିଜାଇନ ପ୍ରତିଯୋଗିତାରେ ଆନୁଷ୍ଠାନିକ ବର୍ଗରେ ୧ମ ପାଇଁ ୫୦ହଜାର, ୨ୟ ପାଇଁ ୩୦ହଜାର, ୩ୟ ପାଇଁ ୨୦ହଜାର ଏବଂ ସ୍ୱତନ୍ତ୍ର ପାଇଁ ୧୦ହଜାର, ପେସାଦାର ବର୍ଗରେ ୧ମ ୩୦ହଜାର, ୨ୟ ୨୦ହଜାର, ୩ୟ ୧୦ହଜାର, ସ୍ୱତନ୍ତ୍ର ୫ହଜାର ଏବଂ ଅନଭିଜ୍ଞ ବର୍ଗରେ ୧ମ ୨୦ହଜାର, ୨ୟ ୧୦ହଜାର, ୩ୟ ୭ହଜାର ୫ଶହ ଏବଂ ସ୍ୱତନ୍ତ୍ର ପାଇଁ ୩ହଜାର ଟଙ୍କାର ପୁରସ୍କାର ରଖାଯାଇଛି । ସ୍ଲୋଗାନ ପ୍ରତିଯୋଗିତା ପାଇଁ ୧ମ ପୁରସ୍କାର ୨୦ହଜାର, ୨ୟ ୧୦ହଜାର, ୩ୟ ୭ହଜାର ୫ଶହ ଏବଂ ସ୍ୱତନ୍ତ୍ର ପୁରସ୍କାର ଭାବେ ୫୦ଜଣ ଅଂଶଗ୍ରହଣକାରୀଙ୍କୁ ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି । କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ଇସିଆଇ ର ପ୍ରତୀକ ସମ୍ବଳିତ ବ୍ୟାଜ୍ ପ୍ରଦାନ କରାଯିବାକୁ ଥିବା ବେଳେ ଏଥିରେ ହେବାକୁ ଥିବା ୩ସ୍ତରୀୟ ସମସ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ଇ-ସାର୍ଟିଫିକେଟ୍ ପ୍ରଦାନ କରାଯିବ ।

# ପଡୋଶୀ ଘରେ କାଟୁଛନ୍ତି ରାତି

## ବାପା ମା' ମରିଯିବା ପରେ ବୁଢୀମା'ଙ୍କ ଭରଷାରେ ୩ ନାତୁଣୀ



କେନ୍ଦୁଝର: (ପିଏନ) ବାପା ମା' ମରିଯିବା ପରେ ଜେଜେମା' ଭରଷାରେ ୩ ନାତୁଣୀ । ଘର ନଥିବାରୁ ପଡୋଶୀ ଘରେ କାଟୁଛନ୍ତି ରାତି । ଏଭଳି ଘଟଣା ଦେଖିବାକୁ ମିଳିଛି ବାଂଶପାଳ ବ୍ଲକ ରାଇଗୋଡା ପଂଚାୟତ ପୋଡାଡିହି ଗ୍ରାମର ସମ୍ବାରୀ ମହାକୁଡ (୭୦)ଙ୍କ କ୍ଷେତ୍ରରେ । ତାଙ୍କର ବୟସ ସତୁରୀ ଟପିଯାଇଥିଲେ ହେଁ ତିନି ନାତୁଣୀଙ୍କ ଦାୟୀତ୍ୱ ବୋଝ ମୁଣ୍ଡାଇ ରଖିଛନ୍ତି । ୧୨ ବର୍ଷ ତଳେ ପୁଅ ପ୍ରଭାସିଆ ମହାକୁଡ ସିଲା ମହାକୁଡଙ୍କୁ ବିବାହ କରିଥିଲେ । ପରେ ତାଙ୍କର ୩ଟି ଝିଅ ହୋଇଥିଲା । ବଡଝିଅ ସବିତା ମହାକୁଡ (୧୧), ମଝିଆଁ ଝିଅ ଅପରାଜିତା ମହାକୁଡ (୯), ସାନଝିଅ ବର୍ଷା ମହାକୁଡ(୬) । ତାଙ୍କର ବୋହୂ ୨୦୧୪ରେ ଛାତି ବ୍ୟଥା ହେବାରୁ ମୃତ୍ୟୁବରଣ କଲେ । ଏହି କ୍ରମରେ ପୁଅ ପ୍ରଭାସିଆ ୨୦୧୭ରେ ପେଟ ବ୍ୟଥା ହେବାରୁ ତାଙ୍କର ମଧ ମୃତ୍ୟୁ ହେଲା । ପରେ ଭାଙ୍ଗି ପଡିଲେ ସମ୍ବାରୀ । କେମିତି ଚଳାଇବେ ଘର । ଏହି ସକାଶେ ପୁଅ ବୋହୂ ଛାଡି ଯାଇଥିବା ତିନି ନାତୁଣୀ ଓ ନିଜର ରାସନରେ ମିଳୁଥିବା ୨୦କେ.ଜି ଚାଉଳରେ ହାଣ୍ଡିଆ ପ୍ରସ୍ତୁତ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ବାସଗୃହ କରିଲେ ରହୁଥିବା ଝାଟିମାଟି ଘରଟି । ୨୦୧୯ ମସିହାରେ ୨୦ରୁ ୨୫ଟି ହାତୀ ଆସି ଘର ଭାଙ୍ଗିବା ସହ ତାଙ୍କର ସମ୍ପୂର୍ଣ୍ଣ ଘର ସାମଗ୍ରୀକୁ ନଷ୍ଟ କରି ଦେଇଥିଲେ । କିନ୍ତୁ ବନବିଭାଗକୁ ଗୁହାରୀ କଲେ ମଧ କିଛି ଶୁଣିଲେ ନାହିଁ । ଏହି ଦୁଃଖ ଦେଖି ଗାଁ ଲୋକମାନେ କିଛିଦିନ ପାଇଁ ତାକୁ ଚାଉଳ, ଡାଲି ଦେଇ ରଖିଥିଲେ । ପୁଅଟି ବଂଚିଥିବା ସମୟରେ ୨୦୧୭ରେ ମିଳିଥିଲା ଗୋଟିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାହା ମଧ ଅଧାଖଣ୍ଡିଆ କରି ଚାଲିଗଲେ ଠିକାଦାର । ଠିକାଦାର ଚାଲିଗଲା ପରେ ସେହି ଅଧାଖଣ୍ଡିଆ ଘରେ ଦିନ ହେଲେ କେବଳ ଭାତ ରୋଷେଇ କରି ଖାଇ ରହୁଛନ୍ତି । ଦିନବେଳେ ଛୋଟ ଝିଅମାନେ ଜଙ୍ଗଲର ବିଭିନ୍ନ ପ୍ରକାର ଗଛର ଫଳ ଖାଆନ୍ତି । ଜଙ୍ଗଲର ମାଟିଆଳୁ ଖୋଳି ବିକ୍ରୀ କରି ଦୁଇପଇସା ପାଆନ୍ତି । ରାତି ହେଲେ ସେହି ଖଣ୍ଡିଆ ଘରେ ଶୋଇବାଟା ସକ୍ଷମ ହୋଇନଥାଏ ରାତି ବଣପାହାଡ ପାଖରେ ଘର ଥିବାରୁ ସେହିଘରେ ଶୋଇ ନପାରି ପାଖରେ ବିଳାସିନୀ ନାଏକଙ୍କ ଘରେ ଯାଇ ସପରିବାର ରାତ୍ରୀ ଯାପନ କରନ୍ତି । ପୁରା ପରିବାରର ଏହି କଷ୍ଟକୁ ଦେଖି ସହ୍ୟ କରିପାରୁ ନାହାଁନ୍ତି ଗ୍ରାମବାସୀ । ତୁରନ୍ତ ଏହି ଦିଗରେ ଜିଲ୍ଲା ପ୍ରଶାସନ ଅସହାୟ ତିନି ଛୁଆ, ବୁଢୀମା'ଙ୍କ ନିମନ୍ତେ ତାଙ୍କର ଅଧା ପଡିଥିଲା ଘରକୁ ସମ୍ପୂର୍ଣ୍ଣ କରିବା ସହ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସତ୍ୟସାଇ ସେବା ସମିତି ପକ୍ଷରୁ ବ୍ରହ୍ମବରଦାରେ ସଫେଇ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାରେ ଆଜି ନୀଳକଣ୍ଠପୁରସ୍ଥ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ସଫେଇ କରାଯାଇଛି । ନିକଟରେ ବ୍ରହ୍ମବରଦାରେ ଅନୁଷ୍ଠିତ ବିଶ୍ୱ ଆଲମୀ ଇଜତେମା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଲକ୍ଷାଧିକ ମୁସଲିମ ଭାଇମାନଙ୍କ ସମାଗମ ହୋଇଥିଲା । ସମ୍ମିଳନୀ ସରିବା ପରେ ଇଜତେମା ପଡିଆରେ ପଡିଥିବା ଅଳିଆ ଅବର୍ଜନାକୁ ସତ୍ୟସାଇ ସେବା ସମିତିର ସଭ୍ୟମାନେ ସଫା କରିଥିଲେ । ପ୍ରଥମେ ବ୍ରହ୍ମବରଦା ମହାବିଦ୍ୟାଳୟ ସମ୍ମୁଖ ପଡିଆକୁ ସଫା କରିଥିଲେ । କରୋନା ଡର ସାଙ୍ଗକୁ ସ୍ଥାନୀୟ ଅଂଚଳରେ ମଶା ମାଛିଙ୍କ ବଂଶ ବୃଦ୍ଧି ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ସଫେଇ କରାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ କାକୁଡିକୁଦ ଭଜନ ମଣ୍ଡଳୀ, ମାଝିପାଟଣା ଭଜନ ମଣ୍ଡଳୀ, ବ୍ରହ୍ମବରଦା ଭଜନ ମଣ୍ଡଳୀ, ସାହାପଡା ଭଜନ ମଣ୍ଡଳୀର ସଭ୍ୟ ଉପସ୍ଥିତ ରହି ଏକ ଆଧାତ୍ମିକ ପରିବେଶରେ ସଫେଇ କରିଥିଲେ । ଶେଷରେ ଏହି କାର୍ଯ୍ୟକ୍ରମକୁ ସମିତିର ଆବାହକ ଆତ୍ମାରାମ ସୂତାର ଓ ସେବା ସଂଯୋଜକ ବୀରବର ମିଶ୍ର ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସଫେଇ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଓଝା, ଗୌରାଙ୍ଗ ନାୟକ, ହେମନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ନିଆଳିରେ ପିସିସି ସଭାପତିଙ୍କ ନିର୍ବାଚନୀ ପ୍ରଚାର

ଭୁବନେଶ୍ୱର ,(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ ନିଆଳି ବ୍ଲକରେ ୨୧ନଂ ଜୋନରେ ଦୀର୍ଘ ତିନିଘଂଟା ଧରି ପ୍ରଚାର କରିଥିଲେ । ଏହି ପ୍ରଚାର ଶୋଭାଯାତ୍ରା କସରଦାଠୁ ଆରମ୍ଭ ହୋଇ ଏରଂଚ, ରାଣିଓଳା, ସଗଡ଼ାଇଲୋ, ସିଠାଲୋ, ଏକବରୁଆଁ ପଂଚାୟତ ଦେଇ ଯାଇଥିଲା । ରାସ୍ତାରେ ସମସ୍ତ ଗ୍ରାମରେ ପ୍ରବଳ ଜନସମାଗମ ହୋଇଥିଲା । ଜନସାଧାରଣ ଉତ୍ସାହର ସହ ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ ରାଲିରେ ଯୋଗଦାନ କରିଥିଲେ । ପ୍ରତି ଛକରେ ଫୁଲତୋଡ଼ା ଓ ଉତରୀୟ ପ୍ରଦାନ କରି ସାଧାରଣ ଜନତା କଂଗ୍ରେସ ପ୍ରତି ସମର୍ଥନ ପ୍ରକଟ କରିଛନ୍ତି । ପ୍ରକାଶଥାଉକି ନିଆଳି ବିଧାୟକ ପ୍ରମୋଦ ମଲ୍ଲିକଙ୍କ ନିଜ ଗ୍ରାମ ପଂଚାୟତ ଦେଇ ଶୋଭାଯାତ୍ରା ଯାଉଥିବା ବେଳେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ସ୍ୱତପ୍ରବୃତ ଭାବେ କଂଗ୍ରେସର ପ୍ରଚାର ଶୋଭାଯାତ୍ରାରେ ଯୋଗଦାନକୁ ଦେଖି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ନିଆଳି ବ୍ଲକରେ କଂଗ୍ରେସ ବିପୁଳ ସଂଖ୍ୟାରେ ଜୟଯୁକ୍ତ ହେବ ବୋଲି ଆଶା ପ୍ରକଟ କରିଛନ୍ତି ଶ୍ରୀ ପଟ୍ଟନାୟକ । ଯୁବନେତା ତଥା କଟକ ଜିଲ୍ଲା କଂଗ୍ରେସ ଉପସଭାପତି ଶଶିକାନ୍ତ ଲେଙ୍କା ଆଜିର ବିଶାଳ ଶୋଭାଯାତ୍ରାରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ରେଣୁକା ସିଂ, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର କଂଗ୍ରେସ ନେତୃବୃନ୍ଦ ଓ କଂଗ୍ରେସକୁ ସମର୍ଥନ କରୁଥିବା ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀମାନେ ଯୋଗଦେଇଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday February 23 ଭୁବନେଶ୍ୱର ବୁଧବାର, ଫେବୃଆରୀ ୨୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଖୋର୍ଦ୍ଧା ଅବକାରୀ ବିଭାଗର ଚଢ଼ାଉ,ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ, ଅଭିଯୁକ୍ତ ଗିରଫ



ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ କ୍ରମେ ବାଘମାରି ଥାନା ଅନ୍ତର୍ଗତ ପୋଡାଡିହ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଠାରୁଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବ୍ରାଉନ ସୁଗାର ଜବତ ସହ ଅଭିଯୁକ୍ତକୁ ଗିରଫ କରାଯାଇଛି ।ଅଭିଯୁକ୍ତ ଜଣକ ହେଲେ ପ୍ରଭାତ ସେଠୀ ।ତାଙ୍କ ଠାରୁ ୫୨ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି ।ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

## ପ୍ରଥମ ଢ଼ିହପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଖୋର୍ଦ୍ଧା,(ପି.ଏନ): ବାଜପୁର ପଂଚାୟତର ଢ଼ିହପୁର ଖେଳ ପଡ଼ିଆରେ ମା' ମଙ୍ଗଳା କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଥମ ଢ଼ିହପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଉଦିୟମାନ ଯୁବକ ସଚ୍ଚିଦା ନନ୍ଦ ଜୟସିଂହ ଏବଂ ଅକ୍ଷୟ ରଣସିଂହଙ୍କ ସ୍ମୃତିରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଂଟ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ୪ଗୋଟି ଦଳ ଯଥା- ଅର୍ଣ୍ଣବ ରୟାଲ୍‌ସ ଇଲେଭେନ ଟାଇଗର ରେଡ୍ ହଟ ଓ ଊତ୍ତୁଲ ପାଇଟର୍ସ ଭାଗ ନେଇଥିଲେ। ଅନ୍ତିମ ମ୍ୟାଚରେ ଇଲେଭେନ ଟାଇଗରକୁ ପରାସ୍ତ କରି ଅର୍ଣ୍ଣବ ରୟାଲସ ଚମ୍ପିୟାନ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କେନ୍ଦ୍ରିୟ ଜଳ ପରିଚାଳନା ପ୍ରତିଷ୍ଠାନର ପରିଚାଳନା ପରିଷଦ ସଦସ୍ୟ ଶ୍ରୀରଂଜନ ମଙ୍ଗରାଜ ଯୋଗ ଦେଇ ବିଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## କନ୍ତିଆ ଗ୍ରାମପଂଚାୟତ ସମିତି ସଭ୍ୟ ପ୍ରାର୍ଥୀ ଭୀମସେନ ଭୁଜବଳଙ୍କ ପ୍ରତି ବଢ଼ୁଛି ଜନ ସମର୍ଥନ



ଖୋର୍ଦ୍ଧା,(ପି.ଏନ): ଜଟଣୀ ପଂଚାୟତ ସମିତି ଅଧିନସ୍ଥ କନ୍ତିଆ ଗ୍ରାମପଂଚାୟତର ସମିତି ସଭ୍ୟ ପ୍ରାର୍ଥୀ ଭାବରେ ଭୀମସେନ ଭୁଜବଳ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେ ପୂର୍ବରୁ କୌଣସି ପଦ ପଦବୀରେ ନଥାଇ ମଧ୍ୟ କନ୍ତିଆ ପଂଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ସମସ୍ତ ସାହାଯ୍ୟ ଓ ସହଯୋଗର ହାତ ବଢେଇଛନ୍ତି। ଏଣୁ ସେ ବେଶ ଚର୍ଚ୍ଚିତ ଏବଂ ତାଙ୍କର ବିପୁଳ ଜନ ସମର୍ଥନ ମଧ ରହିଥିବା ଦେଖିବାକୁ ମିଳିଛି। ସେ କନ୍ତିଆ ଗ୍ରାମପଂଚାୟତର ସମିତି ସଭ୍ୟ ଭାବରେ ନିର୍ବାଚିତ ହେଲେ ତାଙ୍କ ପଂଚାୟତର ଜନ ସାଧାରଣଙ୍କ ନିମନ୍ତେ ଏକ ଚିକିତ୍ସାଳୟ, ପାନୀୟ ଜଳ, ଆଲୋକି କରଣ ବ୍ୟବସ୍ଥା, ଗମନାଗମନ, ପରିମଳ ଶିକ୍ଷା, ବିଧବା ଓ ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ଼, ଗରିବ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ଏବଂ ସେ ଅଂଚଳର ଜନ ସାଧାରଣଙ୍କର ଯେଉଁ ସ୍ଥିତିବାନ ଜମି ସବୁ ଭୁଲ ବଶତଃ ଶ୍ରୀମନ୍ଦିର ପ୍ରଶାସନ ନାମରେ ରେକର୍ଡ଼ଭୁକ୍ତ ରହିଛି ସେ ସବୁକୁ ସଂଶୋଧନ କରିବା ପ୍ରଭୃତି କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ତାଙ୍କର ମୂଳ ଲକ୍ଷ୍ୟ ହେଲା ଲୋକଙ୍କୁ ସେବା ଯୋଗାଇବା, ସାହାଯ୍ୟ କରିବା ଏବଂ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା। କନ୍ତିଆ ପଂଚାୟତ ଅଂଚଳରେ ତାଙ୍କର ବିପୁଳ ଜନ ସମର୍ଥନ ମଧ ରହିଛି। ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ତାଙ୍କୁ ବସ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଶ୍ରୀ ଭୁଜବଳ ନିବେଦନ କରିଛନ୍ତି। ଏହି ନିର୍ବାଚନରେ ସେ ବିପୁଳ ପରିମାଣର ଭୋଟ ପାଇ ବିଜୟୀ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଏମ୍ସ ଭୁବନେଶ୍ୱରରେ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ସମ୍ପର୍କୀତ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ




ଭୁବନେଶ୍ୱର, (ପି.ଏନ): ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କୁ ନେଇ ପୂରଣ ହେବ। ତେଣୁ, ଜିଲ୍ଲା ତଥା ତୃଣମୂଳସ୍ତରରେ ଥିବା ମାନବସମ୍ବଳ ଏବଂ ଭିତ୍ତିଭୂମିକୁ ସଠିକ ବିନିଯୋଗପୂର୍ବକ ବରିଷ୍ଠ ନାଗରିକଙ୍କ ସମ୍ପୂର୍ଣ୍ଣ ଯତ୍ନ ବର୍ତ୍ତମାନ ସମୟର ଏକ ବଡ ଆହ୍ୱାନ। ଏମ୍ସ ଭୁବନେଶ୍ୱରର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ସମ୍ପର୍କୀତ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଏପରି ମତବ୍ୟକ୍ତ କରିଛନ୍ତି ବିଭିନ୍ନ ସରକାରୀ ପ୍ରତିଷ୍ଠାନରୁ ଆସିଥିବା ବରିଷ୍ଠ ବିଶେଷଜ୍ଞମଣ୍ଡଳୀ। ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶାର ମିଳିତ ସହଯୋଗରେ ଆୟୋଜିତ ଏହି ତିନି ଦିନିଆ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍‌ପିଟାଲ ଭୁବନେଶ୍ୱର ଏବଂ ଇସ୍ପାତ ଜେନେରାଲ ହସ୍‌ପିଟାଲ ରାଉରକେଲାର ମେଡିସିନ୍ ଏବଂ ଅନ୍ୟାନ୍ୟ ବିଭାଗର ବିଶେଷଜ୍ଞ ତଥା ବରିଷ୍ଠ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ସମ୍ପୂର୍ଣ୍ଣ ଚିକିତ୍ସା ତଥା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଏହି ତିନିଦିନିଆ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଂଜନ ମିଶ୍ର, ରାଜ୍ୟ ଏନ୍ ?ସିଡି ସେଲର ଡ. ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଅଦ୍ୟାବଧି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ରହିଥିବା ନାନା ପ୍ରତିବନ୍ଧକ ତଥା ଏହାର ପ୍ରତିକାର ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏହି ଶିବିରରୁ ତାଲିମ ନେଇଥିବା ମାଷ୍ଟର୍ ତାଲିମଦାତାମାନେ ସେମାନଙ୍କର ସଂପୃକ୍ତ ଅଞ୍ଚଳରେ ଉତ୍ସର୍ଗୀକୃତ ଭାବେ ବାର୍ଦ୍ଧକ୍ୟ ଅବସ୍ଥାରେ ଆବାଶ୍ୟକ ହେଉଥିବା ଚିକିତ୍ସା ସମ୍ବନ୍ଧରେ ତଦାରଖ କରିବେ। ଗ୍ରାମାଞ୍ଚଳରେ ବରିଷ୍ଠ ନାଗରିକମାନଙ୍କୁ ବାର୍ଦ୍ଧକ୍ୟ ଅବସ୍ଥା ଜନିତ ରୋଗର ଉପଯୁକ୍ତ ଚିକିତ୍ସା ପ୍ରଦାନନେଇ କ୍ଷେତ୍ର ପ୍ରସ୍ତୁତ କରିବା ଏହି ତାଲିମ ଶିବିରରେ ପ୍ରମୁଖ ଲକ୍ଷ୍ୟ ଥିଲା। ମେଡିସିନ୍, ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି, ଫିଜିକାଲ୍ ମେଡିସିନ୍ ଏବଂ ପୁନର୍ବାସ, ୟୁରୋଲୋଜି, ସ୍ନାୟୁବିଜ୍ଞାନ, ପଲ୍‌ମୋନାରି ମେଡିସିନ୍, ଅଙ୍କୋଲୋଜି, ସାଇକିଆଟ୍ରି, ଏଣ୍ଡୋକ୍ରାଇନୋଲୋଜି ଏବଂ କାର୍ଡିଓଲୋଜି ଭଳି ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ? ନେଇ ଗଠିତ ଏକ ବହୁମୁଖୀ ଦଳ ଏହି ତିନି ଦିନିଆ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ବିଜ୍ଞାନ ମହୋତ୍ସବ




ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଆଜାଦି କା ଅମୃତ ମହୋତ୍ସବ ପାଳନର ଅଂଶବିଶେଷ ସ୍ୱରୂପ ବିଜ୍ଞାନ ସର୍ବତ୍ର ପୂଜ୍ୟତେ ଶୀର୍ଷକ ସପ୍ତାହ ବ୍ୟାପୀ ବିଜ୍ଞାନ ମହୋତ୍ସବ ଓ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାରଙ୍କ ମୁଖ୍ୟ ବିଜ୍ଞାନ ପରାମର୍ଶଦାତା କାର୍ଯ୍ୟାଳୟ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ କୌଶଳ ବିଭାଗ ଆନୁକୂଲ୍ୟରେ ଭାରତ ସରକାରଙ୍କ ଡିଏସ୍‌ଟି, ଡିବିଟି, ସିଏସ୍‌ଆଇଆର, ଏମ୍‌ଓଇଏସ୍, ଡିଏଇ, ଡିଓଏସ୍, ଆଇସିଏମ୍‌ଆର, ଏଆଇସିଟିଇ, ଡିଆର୍‌ଡିଓ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ନଲେଜ ଇନୋଭେସନ୍ ସେଣ୍ଟର, କିଟ୍ ଓ କିଟ୍-ଟିବିଆଇ ସହଯୋଗରେ ଅନୁଷ୍ଠିତ ଏହି ବିଜ୍ଞାନ ମହୋତ୍ସବ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ କୌଶଳ ତଥା ସୂଚନା ପ୍ରଯୁକ୍ତି ବିଭାଗ ସଚିବ ମନୋଜ କୁମାର ମିଶ୍ର, ଅତିରିକ୍ତ ପ୍ରମୁଖ ବନସଂରକ୍ଷକ ତଥା ଓର୍‌ସାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପି. କେ. ମଲ୍ଲିକ, ସିବିଏସ୍‌ଇର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସନ୍‌ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମିଶ୍ର କହିଲେ, ପ୍ରକୃତି ଓ ପରିବେଶର ଗଭୀର ଅନୁଶୀଳନ ହେଉଛି ବିଜ୍ଞାନ। ଏହାକୁ ଆଗେଇ ନେବା ପ୍ରକ୍ରିୟା ହେଉଛି ବୈଷୟିକ ଜ୍ଞାନ କୌଶଳ। ବର୍ତ୍ତମାନ ସମୟରେ ବୈଷୟିକ ଜ୍ଞାନ କୌଶଳ ଆମ ଜୀବନର ଅଂଶ ବିଶେଷ ପାଲଟିଯାଇଛି, ଯାହା କି କରୋନା ମହାମାରୀରୁ ପ୍ରମାଣିତ ହୋଇଛି। ଶ୍ରୀ ମଲ୍ଲିକ କହିଲେ, ବଞ୍ଚିବା, ବଢ଼ିବା ଏବଂ ନିର୍ଭରଶୀଳ ପାଇଁ ଆମେ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକ କରିଥାଉ। ବିଜ୍ଞାନ ଓ ବୈଷୟିକ କୌଶଳ ହେଉଛି ଆମର ଦୁଇ ହାତ ସଦୃଶ। ଆମେ ଯାହା ଚିନ୍ତାକରୁ ତାହା ବିଜ୍ଞାନ ଏବଂ ଏହାକୁ କାର୍ଯ୍ୟରେ ପରିଣତ କରିବା ହେଉଛି ବୈଷୟିକ ଜ୍ଞାନ। ଛାତ୍ରଛାତ୍ରୀଙ୍କଠାରେ ବୈଜ୍ଞାନିକ ମନୋବୃତ୍ତି ବିକଶିତ କରିବା ସହ ଏହାକୁ ଅଭ୍ୟାସରେ ପରିଣତ କରିବା ଉଚିତ। ବିଜ୍ଞାନ ଓ କାରିଗରୀ କୌଶଳର ବିକଶିତ କରି ଏହାକୁ କାମରେ ଲଗାଇବା ଦ୍ୱାରା ଆମର ସ୍ୱାଧୀନତା ସୁରକ୍ଷିତ ରହିପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବକ୍ତବ୍ୟ ଦେଇ ଶ୍ରୀନିବାସନ୍ କହିଲେ ଆମ ଚାରିପଟେ ଘଟୁଥିବା ଘଟଣାକୁ ଆମେ ବୁଝିବା ଆବଶ୍ୟକ ଏବଂ ଏସବୁର ବିକାଶ ପାଇଁ ଆମେ ଆମର ଜ୍ଞାନକୁ କାର୍ଯ୍ୟରେ ଲଗାଇବା ଉଚିତ। ଆମେ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳକୁ ଆମର ଉନ୍ନତମାନର ଜୀବନଧାରଣ ଓ ସମାଜ ପାଇଁ ବ୍ୟବହାର ଉପଯୋଗୀ କରିବା ଦିଗରେ କାର୍ଯ୍ୟ କରିବା ଉଚିତ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏବେ ହେଉଛି ଜ୍ଞାନ ଓ ବିଜ୍ଞାନର ଯୁଗ। ପୂର୍ବରୁ ଛାତ୍ରଛାତ୍ରୀମାନେ ଜ୍ଞାନ ପାଇଁ କେବଳ ପୁସ୍ତକ ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ସମୟରେ ବୈଷୟିକ ଜ୍ଞାନ କୌଶଳ ଆମର ଜୀବନର ଅଂଶ ବିଶେଷ ପାଲଟିଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ ଯୋଗୁଁ ଆମେ ଆଗକୁ ବଢ଼ି ପାରିବା ବୋଲି ତାହା ଗତ ଦୁଇବର୍ଷ ମଧ୍ୟରେ କରୋନା ମହାମାରୀରୁ ପ୍ରମାଣିତ ହୋଇପାରିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଏହି ବିଜ୍ଞାନ ମହୋତ୍ସବରେ ଅଗ୍ନି, ଆକାଶ, ପୃଥିବୀ, ବ୍ରହ୍ମୋସ, ଅସ୍ତ୍ର, ନାଗ ଆଦି ବିଭିନ୍ନ କ୍ଷେପଣାସ୍ତ୍ରର ମଡେଲ ପ୍ରଦର୍ଶିତ ହେବା ସହ ଅର୍ଜୁନ ଟ୍ୟାଙ୍କ, ଆର୍ଟିଲେରୀ ଗନ୍ ଭଳି ଅନେକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୨ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ରମ ପାଇଁ ପଞ୍ଜୀକୃତ କରିଛନ୍ତି। ଏହି ମହୋତ୍ସବରେ ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ନ୍ୟାସ୍‌ନାଲ୍ ଇନୋଭେସନ୍ ଫାଉଣ୍ଡେସନ୍ ସହଯୋଗରେ ୨୦ରୁ ଊର୍ଦ୍ଧ୍ୱ ତୃଣମୂଳସ୍ତରର ବୈଜ୍ଞାନିକଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ। ଏହି ମହୋତ୍ସବ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସମେତ ଦେଶର ୭୫ଟି ଦେଶରେ ପାଳିତ ହେଉଥିବା ବେଳେ ପାଳିତ ହେଉଥିବା ବେଳେ ମୁଖ୍ୟ କାର୍ଯ୍ୟକ୍ରମ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି।


ADMISSION OPEN

MAHARISHI PUBLIC SCHOOL

STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE

- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL

PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015

PH : (0674) 2558884 2550786, 9348320060

E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray